visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.142 Bhubaneswar Tuesday, July 20, 2021 | ୨୪ତମ ବର୍ଷ ସଂଖ୍ୟା-୧୪୨ ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୦, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS




ମୁମ୍ବାଇ ଓଡ଼ିଆ ସମାଜ ଦ୍ୱାରା ଅନୁଷ୍ଠିତ ବାହୁଡ଼ା ଯାତ୍ରାର ଅବ୍ୟବହିତ ପୂର୍ବରୁ ତିନି ବଗ୍ରହଙ୍କ ସହ ପଣ୍ଡିତ ଦିବାକର

## ଆଜି ବାହୁଡା ଯାତ୍ରା, ସୁରକ୍ଷା ବ୍ୟବସ୍ଥା କଡାକଡି : ଭକ୍ତଶୂନ୍ୟ ସନ୍ଧ୍ୟା ଦର୍ଶନ

ପୁରୀ, ୧୯ ।୭(ପି.ଏନ): ଚଳିତ ବର୍ଷର ରଥଯାତ୍ରା ନବମ ଦିନରେ ବାହୁଡା ଯାତ୍ରା ଅନୁଷ୍ଠିତ ହେବ। ତିନି ରଥ ଦକ୍ଷିଣ ମୋଡ ହୋଇ ନାକଚଣା ଦ୍ୱାର ଠାରେ ଦଣ୍ଡାୟମାନ। ଆଜି ଭକ୍ତଶୂନ୍ୟ ସନ୍ଧ୍ୟା ଦର୍ଶନ ଅନୁଷ୍ଠିତ ହୋଇଛି। ମହାପ୍ରଭୁ ଙ୍କ ଜନ୍ମବେଦୀ ଜଙ୍ଗବେଦୀ,ମହାବେଦୀ ଓ ଆଡପ ମଣ୍ଡପ ରେ ଏହା ଶେଷ ଦର୍ଶନ। ପୁଣି ବର୍ଷକ ପରେ ମହାପ୍ରଭୁ ଙ୍କ ଦର୍ଶନ ମିଳିବ ଗୁଣ୍ଡିଚା ମନ୍ଦିରରେ। କେତେକ ଭକ୍ତ ରଥଯାତ୍ରା ୯ଦିନ ବ୍ରତ ପାଳନ କରିଥାନ୍ତି। ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ରେ ସ୍ନାନ କରି ଆଡପ ମଣ୍ଡପ ରେ ପ୍ରଭୁଙ୍କୁ ଦର୍ଶନ କରିଥାନ୍ତି। ଚଳିତ ବର୍ଷ କୋଭିଡ୍ କଟକଣା ଯୋଗୁଁ ଭକ୍ତ ଦୂରରୁ ଥାଇ ମୁଣ୍ଡିଆ ମାରୁଛନ୍ତି। ଆଡପ ମଣ୍ଡପ ରେ ସନ୍ଧ୍ୟା ଓ ରାତି ଦର୍ଶନ କଲେ ମହାପୁଣ୍ୟ ହୋଇଥାଏ ବୋଲି ପୁରାଣରେ ବର୍ଣ୍ଣିତ ହୋଇଛି। ଶ୍ରୀମନ୍ଦିର ରେ ରତ୍ନ ସିଂହାସନ ରେ ଚତୁର୍ଦ୍ଧାମୂର୍ତ୍ତି ଙ୍କୁ ଦଶ ବର୍ଷ ପର୍ଯ୍ୟନ୍ତ ଦର୍ଶନ କଲେ ଯେତିକି ପୁଣ୍ୟ ମିଳିଥାଏ ଆଡପ ମଣ୍ଡପ ରେ ଗୋଟିଏ ଦିନ ଦର୍ଶନ କଲେ ସେତିକି ପୁଣ୍ୟ ମିଳିଥାଏ। ଏହା ସହ ରାତିରେ ଦର୍ଶନ କଲେ ଏହାର ଦଶଗୁଣ ପୁଣ୍ୟ ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି। ନବମୀ ରେ ଆଡପ ଦର୍ଶନ ଦ୍ୱୀପ ପ୍ରଜ୍ୱଳନ,ବ୍ରାହ୍ମଣ ମାନଙ୍କୁ ମହାପ୍ରସାଦ ସେବନ ଓ ଦାନ ଦେଲେ ମହାପୁଣ୍ୟ ମିଳିଥାଏ ବୋଲି କଥିତ ଅଛି। ଆଜି ବଡସିଂହାର ନୀତି ପରେ ପୁଷ୍ପାଳକ ସେବକ ମାନେ ଶ୍ରୀମୁଖରେ ଖଣ୍ଡୁଆ ପକାଇ ବାହାରି ଆସିବେ। ତା ପରେ କୋଟ ସୁଆଁସିଆ ଚାରମାଳ ବାନ୍ଧିବେ। ଦୈତାପତି ସେବକ ମାନେ ବାହୁଡା ଯାତ୍ରା ପାଇଁ ଗୁପ୍ତନୀତି ସଂପାଦନ କରିବେ। ପୁଲିସ ପକ୍ଷରୁ ଗୁଣ୍ଡିଚା ମନ୍ଦିର ଚାରିପଟ ସୁରକ୍ଷା ବ୍ୟବସ୍ଥା କୁ କଡାକଡି କରାଯାଇଛି। ଶରଧାବାଲି ରେ ଥିବା ତିନି ରଥ କୁ ମଧ୍ୟ ପୁଲିସ ଜଗି ରହିଛି। ସହରର ବିଭିନ୍ନ ସ୍ଥାନରେ ପୁଲିସ ପଇଁତରା ମାରୁଛି। ପୁରୀର ସମସ୍ତ ପ୍ରବେଶ ପଥକୁ ସିଲ୍ କରାଯାଇଛି। ଏସପି କେ ବିଶାଲ ସିଂ ଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ସ୍ଥାନରେ ପୁଲିସ ଜଗି ରହିଛନ୍ତି।

## ମୋ ସାଇକେଲର ମହାଦୁର୍ନୀତି ଅଭିଯୋଗ

ଭୁବନେଶ୍ୱର, ୧୯ ।୭(ପି.ଏନ): ଭୁବନେଶ୍ୱର ମହାନିଗର ନିଗମ ଏବଂ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟି ଅଭାବ ଓ ଅପାରଗତା ଯୋଗୁଁ ଶହ ଶହ ସାଇକେଲ କବାଡିଖାନାରେ ପଡିଛି । ୨୫ ହଜାର ଟଙ୍କା ସାଇକେଲକୁ କିଲୋ ପିଛା ୪୦ ଟଙ୍କାରେ ବିକ୍ରି କରାଯାଉଛି। ଏହି ମହା ଦୁର୍ନୀତିରେ ସାମିଲ ଥିବା ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ଦିନ ଭୁବନେଶ୍ୱର ଜିଲ୍ଲା ବିଜେପି ପକ୍ଷରୁ ଶିଶୁଭବନ ଛକରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମୋ ସାଇକେଲ ଦୁର୍ନୀତିରେ ସାମିଲ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ସାଇକେଲର ଅର୍ଥ ଭରଣା କରିବା ପାଇଁ ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ ଦାବି କରିଛନ୍ତି। ଜିଲ୍ଲା ବିଜେପି ପକ୍ଷରୁ ରାଜମହଲରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଶିଶୁଭବନ ଛକରେ ପହଂଚିଥିଲା। ମୋ ସାଇକେଲକୁ କୋକେଇରେ କାନ୍ଧେଇ ଏକ ଅଭିନବ ଢଙ୍ଗରେ ବିଜେପି ପ୍ରତିବାଦ କରିଥିଲା। ଏହି ଅବସରରେ ଶ୍ରୀ ସିଂ କହିଛନ୍ତି ଯେ, ହକି ବିଶ୍ୱକପକୁ ଦୃଷ୍ଟିରେ ରଖି ନଭେମ୍ବର ୨୦୧୮ରେ ଭୁବନେଶ୍ୱରରେ ମୋ ସାଇକେଲ ଅଭିଯାନ ଆରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ । ସ୍ୱଳ୍ପ ଖର୍ଚ୍ଚରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ଆସିବା କରିବା ପାଇଁ ଏହି ଅଭିଯାନ ଆରମ୍ଭ ହୋଇଥିଲା । ୨ ହଜାର ସାଇକେଲକୁ ୫ କୋଟିରେ କିଣି ରାଜ୍ୟ ସରକାର ରାଜଧାନୀବାସୀଙ୍କୁ ରଙ୍ଗୀନ ସ୍ୱପ୍ନ ଦେଖାଇଥିଲେ। ଏହାପରେ ସାଇକେଲ ରକ୍ଷଣାବେକ୍ଷଣା ପାଇଁ ଆହୁରି ୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏବେ ଶହ ଶହ ସଂଖ୍ୟାରେ ସାଇକେଲ ଡୁମୁଡୁମାସ୍ଥିତ ଏକ କବାଡିଆ ଦୋକାନରେ ବିକ୍ରି କରାଯାଇଛି। ୨୫ ହଜାର ଟଙ୍କାର ସାଇକେଲକୁ ୫୦୦ ଟଙ୍କାରେ ବିକ୍ରି କରାଯାଇଛି। ସ୍ମାର୍ଟ ସିଟି ଯୋଜନାରେ ଶହ ଶହ କୋଟି କେନ୍ଦ୍ରୀୟ ଅନୁଦାନକୁ ବିଏମସି ଏବଂ ବିଏସସିଏଲ ହରିଲୁଟ୍ କରିଛନ୍ତି । ସାଇକେଲ ଚଳାଇବା ପାଇଁ ରାସ୍ତାକଡରେ ୩୭ କିମି ସାଇକେଲ ଟ୍ରାକ ତିଆରି କରାଯାଇ ବିଭିନ୍ନ ରଙ୍ଗ ଦିଆଯାଇଥିଲା। ଆଜି ସେ ଟ୍ରାକ ନାହିଁ କି ସାଇକେଲ ନାହିଁ । ସାଇକେଲ ଗୁଡିକରେ ଜିପିଏସ ଲାଗିଥିଲେ ସୁଦ୍ଧା କିପରି ଶହ ଶହ ସଂଖ୍ୟାରେ ସାଇକେଲ କବାଡିଆ ଦୋକାନରେ ପହଂଚିଲା ତାହା ବିଏମସି ଏବଂ ବିଏସସିଏଲ ସ୍ପଷ୍ଟ କରିବା ଦରକାର। ପୂର୍ବରୁ ରାହାଗିରି ପଥୋତ୍ସବ ସମୟରେ ୪୦୦ ସାଇକେଲ ବିଏମସି ହାତକୁ ଆସିଥିଲା। ରାହାଗିର ବନ୍ଦ ହେବା ପରେ ସେ ସାଇକେଲ ସବୁ ବିଏମସି ଅଫିସରେ ପଡି ରହି ଖତ ହୋଇଗଲା । ଏହା ପରେ ବି ବିଏମସି ଚେତିଲା ନାହିଁ । ମୋ ସାଇକେଲ ପରି ମୋ ବସ ବି ରାଜଧାନୀରେ ପଡି ରହି ଖତ ଖାଉଛି । ସ୍ମାର୍ଟ ସିଟି ନାଁରେ ଶହ ଶହ କୋଟି ଟଙ୍କାକୁ ବିଏମସି ହରିଲୁଟ କରିଛି ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଅଭିଯୋଗ କରିଛନ୍ତି। ସାଧାରଣ ଲୋକଙ୍କ ଟିକସର ଅର୍ଥକୁ ରାଜ୍ୟ ସରକାର ଏପରି ଦୁର୍ନୀତି କରି ଲୁଟ୍ କରୁଛନ୍ତି। ସ୍ମାର୍ଟ ସିଟିର ସ୍ୱପ୍ନ ଦେଖାଇ ଭୁବନେଶ୍ୱରବାସୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରତାରଣା କରିଛନ୍ତି । ମୋ ସାଇକେଲ ଦୁର୍ନୀତିରେ ସାମିଲ ଥିବା ଅପରାଧୀଙ୍କୁ ଗିରଫ ନକଲା ପର୍ଯ୍ୟନ୍ତ ଜିଲ୍ଲା ବିଜେପି ନିର୍ଣ୍ଣାୟକ ଲଢେଇ ଜାରି ରଖିବ ବୋଲି ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି କହିଛନ୍ତି । ଏହି ବିକ୍ଷୋଭ ସମୟରେ ଜିଲ୍ଲା ସାଧାରଣ ସଂପାଦକ ହିମାଂଶୁ ଶେଖର ଛୋଟରାୟ, ଅଭିଷେକ ଆଚାର୍ଯ୍ୟ, ଦିଲ୍ଲୀପ ବେହେରା, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ରଶ୍ମିରଂଜନ ମହାପାତ୍ର, ରାଜ୍ୟ ଯୁବମୋର୍ଚ୍ଚା ସଂପାଦକ ମନୋଜ କୁମାର ପଶ୍ଚିମ କବାଟ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ରଶ୍ମିରଂଜନ ମୁଦୁଲି, ଜିଲ୍ଲା ବିଜେପି ମଣ୍ଡଳ ସଭାପତି ଜଗନ୍ନାଥ ବେହେରାଙ୍କ ସମେତ ସ୍ଥାନୀୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## ୨୪ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୯ ।୭(ପି.ଏନ): ଆସନ୍ତା ୨୩ ତାରିଖ ସୁଦ୍ଧା ଉତରପଶ୍ଚିମ ବଙ୍ଗୋପସାଗର ସଂଲଗ୍ନ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ଉତର ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡିଶାର ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କନ୍ଧମାଳ, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର ଓ ମୟୁରଭଞ୍ଜ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏଥିସହିତ ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୁରଭଞ୍ଜ, ଅନୁଗୁଳ, ଢ଼େଙ୍କାନାଳ,ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଆଦି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି। ଉକ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।ସେହିପରି ୨୦ରୁ ୨୧ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର ଓ ଯାଜପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା ରହିଥିବା ବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୁରଭଞ୍ଜ, ଢ଼େଙ୍କାନାଳ,, କନ୍ଧମାଳ,କଳାହାଣ୍ଡି, ନବରଙ୍ଗପୁର, ରାୟଗଡା, ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି ।ଏହାକୁ ଦୃଷ୍ଟିରେ ରଖିଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହା ବ୍ୟତୀତ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅନେକ ଜିଲ୍ଲାରେ କାଳବୈଶାଖୀ ସହିତ ପ୍ରବଳ ବର୍ଷା ସମ୍ଭାବନା ରହିଛି।

## ଗୋଟିଏ ଦିନରେ ୧୬୪୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୯ ।୭(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୬୪୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୫୫୯୭୪ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୩୦୪୧୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୨୦୩୮୭ ରହିଛି । ଆଜି ଚିହ୍ନଟ ହୋଇଥିବା ୧୬୪୮ ଜଣଙ୍କ ମଧ୍ୟରୁ ୯୫୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୯୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକରୁ ୩୩୫ସବୁଠାରୁ ଅଧିକ ୩୫୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୮୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୮୩ ଜଣ, ବରଗଡ଼ରୁ ୧୭ ଜଣ, ଭଦ୍ରକରୁ ୭୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୦୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୦୫, କଟକରୁ ୩୩୫, ଦେବଗଡ ଜିଲ୍ଲାରୁ ୧ ଜଣ, ଢେଙ୍କାନାଳ ଜିଲ୍ଲାରୁ ୫୪ ଜଣ, ଗଜପତି ଜିଲ୍ଲାରୁ ୫ , ଗଞ୍ଜାମରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୧୨ ଜଣ, ଯାଜପୁରରୁ ୧୧୩ ଜଣ, ଝାରସୁଗୁଡ଼ାରୁ ୦୯ ଜଣ, କଳାହାଣ୍ଡିରୁ ୧୧ ଜଣ, କନ୍ଧମାଳ ଜିଲ୍ଲାରୁ ୧୫ ଜଣ. କେନ୍ଦ୍ରାପଡ଼ାରୁ ୫୦ ଜଣ, କେନ୍ଦୁଝରରୁ ୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୨୩୦ ଜଣ, କୋରାପୁଟରୁ ୬ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୩୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୭୭ ଜଣ, ନବରଙ୍ଗପୁରରୁ ୧୨ ଜଣ, ନୟାଗଡ଼ରୁ ୭୩ ଜଣ, ନୂଆପଡ଼ାରୁ ୦୭ ଜଣ, ପୁରୀରୁ ୬୭ ଜଣ, ରାୟଗଡ଼ାରୁ ୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୨୪ ଜଣ, ସୋନପୁରରୁ ୧୦ ଜଣ, ସୁନ୍ଦରଗଡ଼ରୁ ୩୩ ଜଣ ଓ ଷ୍ଟେଟ୍ ପୁଲରୁ ୪୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଗୁଜୁରାଟ ହାଇକୋର୍ଟ ୟୁ ଟ୍ୟୁବରେ କୋର୍ଟ କାର୍ଯ୍ୟର ସିଧା ପ୍ରସାରଣ କରିବାରେ ଦେଶରେ ପ୍ରଥମ

ଅହମ୍ମଦାବାଦ, ୧୯ ।୭(ପି.ଏନ): ଗୁଜୁରାଟ ହାଇକୋର୍ଟ ଦେଶର ପ୍ରଥମ କୋର୍ଟ ଯେଉଁଠୁ ନ୍ୟାୟିକ କାର୍ଯ୍ୟାନୁଷ୍ଠାନର ସିଧା ପ୍ରସାରଣ ୟୁ ଟ୍ୟୁବ ଚ୍ୟାନେଲରେ କରାଯାଇଛି । ସୋମବାର ଦିନ ଗୁଜୁରାଟ ହାଇକୋର୍ଟର ୧୮ ନ୍ୟାୟାଳୟ କକ୍ଷର କାର୍ଯ୍ୟବାହିର ଲାଇଭ୍ ପ୍ରସାରଣ ଦ୍ୱାରା ନ୍ୟାୟପାଳିକା ଉପରେ ଲୋକଙ୍କ ବିଶ୍ୱାସ ଆହୁରି ବଢିବ । ଭାରତର ମୁଖ୍ୟ ବିଚାରପତି ଏନ.ବି. ରମନ୍ନା ଦିନକ ପୂର୍ବରୁ ନ୍ୟାୟାଳୟ କକ୍ଷରୁ ଏହାର ଲାଇଭ୍ ପ୍ରସାରଣର ଉଦଘାଟନ କରିଥିଲେ। ଏହି ଅବସରରେ ଜଷ୍ଟିସ୍ ରମନ୍ନା କହିଥିଲେ ଯେ, ସମସ୍ତ କୋର୍ଟର ଲାଇଭ୍ ପ୍ରସାରଣ ଫଳରେ ନ୍ୟାୟପାଳିକା ଉପରେ ଲୋକଙ୍କ ବିଶ୍ୱାସ ମଜବୁତ ହେବ । ଏ ସମ୍ବନ୍ଧରେ ଗୁଜୁରାଟ ହାଇକୋର୍ଟର ରେଜିଷ୍ଟ୍ରାର ଅଶୋକ ଉକରାନି ଏକ ବୟାନ ଜାରୀ କରି କହିଛନ୍ତି ଯେ, ୨୬ ଅକ୍ଟୋବର ୨୦୨୦ ପରେ କୋର୍ଟର କାର୍ଯ୍ୟବାହି ପ୍ରଥମ ଥର ପାଇଁ ଅନ୍ ଲାଇନ୍ ମାଧ୍ୟମରେ ଉପଲବ୍ଧ ହୋଇଛି । ଆହୁରି ମଧ୍ୟ ସେ କହିଥିଲେ ଯେ, ୨୦୧୮ ରେ ସୁପ୍ରିମକୋର୍ଟ ଓପନ୍ କୋର୍ଟ ପାଇଁ ସ୍ୱପ୍ନିଲ ତ୍ରିପାଠୀ ବନାମ ସୁପ୍ରିମ କୋର୍ଟ ପକ୍ଷରେ ଫଇସଲା ଶୁଣାଇଥିଲେ । ଏହାପରେ ଏବେ ଗୁଜୁରାଟ ହାଇକୋର୍ଟ ଦେଶର ପ୍ରଥମ ହାଇକୋର୍ଟ ଭାବେ ନ୍ୟାୟିକ କାର୍ଯ୍ୟାନୁଷ୍ଠାନର ସିଧା ପ୍ରସାରଣ ୟୁ ଟ୍ୟୁବ ଚ୍ୟାନେଲରେ କରିଛି । ଫିଜିକାଲ କୋର୍ଟ ଆରମ୍ଭ ହେଲେ ମଧ୍ୟ ଲାଇଭ୍ ଷ୍ଟ୍ରିମିଂ ଜାରୀ ରହିବ ବୋଲି ସେ କହିଥିଲେ ।

## ପେଗାସସ ମାମଲା ଉପରେ କହିଲେ ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ, ୧୯ ।୭(ପି.ଏନ): କେନ୍ଦ୍ର ଇଲେକଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୋମବାର ଲୋକସଭାରେ କହିଛନ୍ତି ଯେ, ପେଗାସସ୍ ସଫ୍ଟୱେୟାର ଜାସୁସି ମାମଲାର ମୁଖ୍ୟ ଉଦ୍ଦେଶ୍ୟ ଦେଶର ଲୋକତନ୍ତ୍ର ଓ ସଂସ୍ଥା ଗୁଡିକର ଛବି ଖରାପ କରିବା । ଲୋକସଭାରେ ଏହାକୁ ପ୍ରସଙ୍ଗ କରି ବିରୋଧୀଙ୍କ ହଙ୍ଗାମା ବେଳେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହା ଉପରେ ନିଜର ବୟାନ ରଖି କହିଥିଲେ ଯେ, ପେଗାସସ୍ ସଫ୍ଟୱେୟାର ଜାସୁସି ମାମଲା ଉପରେ ଗତକାଲି କେତେକ ୱେବ ପୋର୍ଟାଲ ଖବର ପ୍ରକାଶିତ କରିବା ସହ କେତେକ ଅଭିଯୋଗ ଲଗାଇଥିଲେ । ତେବେ ପ୍ରଥମ ଥର ପାଇଁ ଏପରି ହେଉନାହିଁ । ଏହା ପୂର୍ବରୁ ହ୍ୱାଟସଏପ ସହିତ ଜଡ଼ିତ ଜାସୁସିର ମାମଲା ଉଠିଥିଲା । ସେ ସମୟରେ ମଧ ସମସ୍ତ ପକ୍ଷ ଏହାର ନିନ୍ଦା କରିଥିଲେ । ସେ କହିଥିଲେ ଯେ, ଭାରତର ଲୋକତନ୍ତ୍ର ଓ ସ୍ଥାପିତ ସଂସ୍ଥା ଗୁଡିକର ଛବି ଖରାପ କରିବା ପାଇଁ ଏହା ଏକ ପ୍ରୟାସ । ଏହି ପ୍ରସଙ୍ଗ ଉପରେ ତଥ୍ୟ ଓ ତର୍କ ସହିତ ବିଚାର କରିବାକୁ ସେ ସମସ୍ତ ସାଂସଦଙ୍କୁ ଅନୁରୋଧ କରିଥିଲେ ।

## ହସ୍ପିଟାଲ ଯିବାକୁ ୪କି.ମି. ଚାଲିଲେ ଗର୍ଭଯନ୍ତ୍ରଣାରେ ପୀଡିତା ମହିଳା

କେନ୍ଦୁଝର , ୧୯ ।୭(ପି.ଏନ): ଧନୀ ଜିଲ୍ଲା ଭାବେ ପରିଚିତ କେନ୍ଦୁଝର ର ବାସ୍ତବ ସ୍ଥିତିକୁ ଦେଖିଲେ ଯାହାର ହେଲେ ବି ଲଜ୍ୟାରେ ମୁଣ୍ଡ ତଳକୁ ନଇଁ ଯିବା। ଏହି କେନ୍ଦୁଝର ଜିଲ୍ଲାରେ ପୁଣି ଜଣେ ଗର୍ଭବତୀ ମହିଳାଙ୍କୁ ହସ୍ପିଟାଲ ଯିବା ନିମନ୍ତେ ଆମ୍ବୁଲାନ୍ସ ନିକଟରେ ପହଂଚିବା ଲାଗି ୪ କିଲୋ ମିଟର ବାଟ ଚାଲିବାକୁ ପଡିଛି ଯାହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ. ଅଶୋକ ଦାଶ । ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ ଏହି ଦାୟିତ୍ୱ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ଼ଃ ଶୁଭେନ୍ଦୁ ସାଗର କୁମାର ନାଏକଙ୍କ ଉପରେ ନ୍ୟସ୍ତ କରାଯାଇଛି । ନିର୍ଦ୍ଦେଶ ପାଇବା ପରେ ଡ଼ଃ ନାଏକ, ଜନ ସ୍ୱାସ୍ଥ ସଂପ୍ରସାରଣ ଅଧିକାରୀ ସରୋଜିନୀ ସେଠୀଙ୍କ ସହ ତଦନ୍ତ ନିମନ୍ତେ ଗ୍ରାମକୁ ଯାଇଥିଲେ ମଧ୍ୟ ସେମାନଙ୍କ ଗାଡି ରାସ୍ତାର ଦୁରାବସ୍ଥା କାରଣରୁ ଯାଇପାରି ନପାରିବାରୁ ସମସ୍ତଙ୍କୁ ସାହୀ ଭିତରକୁ ଚାଲି ଚାଲି ଯିବାକୁ ପଡିଥିଲା। ପ୍ରକାଶ ଥାଉ କି ଯେ ସେହି ସାହିର ସୋମରେନ୍ଦ୍ର ମାଝୀଙ୍କ ପତ୍ନୀ ପାର୍ବତୀ ମାଝୀ ଙ୍କର ପ୍ରସବ ବେଦନା ଆରମ୍ଭ ହେବାରୁ ପରିବାର ସଦସ୍ୟ ଓ ଆଶାକର୍ମୀ ମଞ୍ଜୁଲତା ସେଠୀ ୧୦୨ ଆମ୍ବୁଲାନ୍ସକୁ ଫୋନ ଯୋଗେ ଯୋଗା ଯୋଗ କରିଥିଲେ । ଖବର ପାଇବା ପରେ ଯଦିଓ ଆମ୍ବୁଲାନ୍ସ ଠିକ ସମୟରେ ପହଂଚି ଥିଲା କିନ୍ତୁ ସେହି ଖରାପ ରାସ୍ତାରେ ସାହି ଭିତରକୁ ଯାଇ ପାର ନଥିଲା ସତ, କିନ୍ତୁ ସେ ସମୟରେ ଗର୍ଭବତୀ ମହିଳାଙ୍କ ପାଇଁ ଦେବଦୂତ ସାଜିଥିଲେ ଆଶାକର୍ମୀ ମଞ୍ଜୁଲତା ଓ ଆମ୍ବୁଲାନ୍ସ ଡ୍ରାଇଭର। ସେମାନେ ମହିଳାଙ୍କୁ ଧରି ପାଦରେ ଚାଲି ଚାଲି ଆମ୍ବୁଲାନ୍ସ ନିକଟକୁ ଆଣି ପ୍ରଥମେ ପାଟଣା ଗୋଷ୍ଠୀ କେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଣି ପହଂଚାଇଥିଲେ। ମହୁଲଡିହା ଗ୍ରାମର ସେହି ଦଲକୀ ସାହିକୁ ରାସ୍ତା ନଥିବାରୁ ଯାତାୟତ ପାଇଁ ବିଲ ଉପରେ ବନ ବିଭାଗ ଏକ କଲଭର୍ଟ ନିର୍ମାଣ କରିଥିଲେ । କିନ୍ତୁ ଗତ ଦୁଇ ବର୍ଷ ପୂର୍ବେ ସେହି କଲଭର୍ଟଟି ଭାଙ୍ଗି ଯାଇଥିଲେ ମଧ୍ୟ ବନ ବିଭାଗ ତାହାର ଆଉ ପୁନଃ ନିର୍ମାଣ କରୁ ନାହିଁ । ଫଳରେ ଏହି ସମସ୍ୟା ସୃଷ୍ଟି ହୋଇଅଛି। ସ୍ୱାଧୀନତାର ଦୀର୍ଘ ୭୪ ବର୍ଷ ପରେ ମଧ୍ୟ କେନ୍ଦୁଝର ଭଳି ଏକ ଧନୀ ଜିଲ୍ଲାରେ ରାସ୍ତା ଘାଟର ଦୁରାବସ୍ଥା କାରଣରୁ ହସପିଟାଲରେ ପହଂଚିବାକୁ ପ୍ରସବ ବେଦନାରତ ଗର୍ଭବତୀ ମହିଳାଙ୍କୁ କେତେବେଳେ ଛାତିଏ ପାଣି ଭିତରେ ପଶି ପାର ହେବାକୁ ପଡୁଛି ତ, କେତେବେଳେ ଦୋଳାରେ ଆଉ କେତେବେଳେ ପାଦରେ ଚାଲି ଚାଲି କିଲୋ ମିଟର , କିଲୋ ମିଟର ରାସ୍ତା ପାଦରେ ଚାଲ ଚାଲି ଯିବାକୁ ପଡୁଛି । ଜିଲ୍ଲା ତଥା ପ୍ରଭାବିତ ଅଂଚଳର ବିକାଶ ପାଇଁ ଜିଲ୍ଲାରେ ଖଣିଜ ପ୍ରତିଷ୍ଠାନ ପାଣ୍ଠିରେ କୋଟି କୋଟି ଟଙ୍କା ମଧ୍ୟ ରହିଛି। ଜିଲ୍ଲାର ବିକାଶ ନାମରେ ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ମଧ୍ୟ ଅର୍ଥ ଖର୍ଚ୍ଚ ହେଉଛି । ଜିଲ୍ଲାର ବିକାଶ କାର୍ଯ୍ୟରେ ଖଣିଜ ପ୍ରତିଷ୍ଠାନ ପାଣ୍ଠିର ଖର୍ଚ୍ଚ ସବୁକ ମନିଟରିଂ କରିବାକୁ କମ ଚାରୀ ଅଧିକାରୀ ନିଯୁକ୍ତି କରାଯାଇ ବିପୁଳ ଅର୍ଥ ମଧ୍ୟ ବ୍ୟୟ କରାଯାଉଛି। ତଥାପି ଜିଲ୍ଲାର ବିକାଶ ଯେଉଁ ତିମିରେ କୁ ସେହି ତିମିରେ। ଏହା ହିଁ ଜିଲ୍ଲାର ଦୁର୍ଭାଗ୍ୟ। ଯେଉଁଥପାଇଁ ଆଜି ବି ଯନ୍ତ୍ରଣା ଜର୍ଜରିତ ମା'ମାନଙ୍କୁ ନିଜ ଜୀବନକୁ ବାଜି ଲଗାଇ ବିପଦପୂର୍ଣ୍ଣ ଅବସ୍ଥାରେ ହସ୍ପିଟାଲକୁ ଆସିବାକୁ ପଡୁଛି। ଯାହାର ଚିତ୍ର ବାରମ୍ବାର ଦେଖିବାକୁ ମିଳୁଛି। ଏ ଦିଗରେ ସରକାର ଗୁରୁତ୍ୱ ଦେଇ ଦୃଷ୍ଟି ଦେବାର ଆବଶ୍ୟକତା ରହିଥିବା ସପକ୍ଷରେ ମତ ପ୍ରକାଶ ପାଇଛି।


MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି

ବାପା-କିଏ କିଏ ଆସୁଛନ୍ତି ?

ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଋଲିଗଲା ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଋର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଋରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଋହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲେ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାର ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। ‘ହେନ ନା’ ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। ‘ହେନ ନା’ ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା’ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି



ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଋର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଋରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୧, ଜୁଲାଇ ୨୦**

# କାଉଡିଆ ଯାତ୍ରା ନିଷିଦ୍ଧ କର

ଦେଶରେ ମହାମାରୀ କରୋନାର ପ୍ରଥମ ଓ ଦ୍ୱିତୀୟ ଲହର ସଂକ୍ରମଣରେ ଆକ୍ରାନ୍ତଙ୍କ ସଂଖ୍ୟା ୩କୋଟି ଅତିକ୍ରମ କରିଥିବା ବେଳେ ମୃତକଙ୍କ ସଂଖ୍ୟା ୪ଲକ୍ଷ ଟପି ସାରିଲାଣି। ସଂକ୍ରମଣରେ ଭାରତ ବିଶ୍ୱରେ ତୃତୀୟସ୍ଥାନରେ ଥିବାବେଳେ ମୃତକ ସଂଖ୍ୟାରେ ଦ୍ୱିତୀୟ ସ୍ଥାନରେ ରହିଛି। ଏବେ ଦ୍ୱିତୀୟ ଲହର ସଂକ୍ରମଣ ହ୍ରାସ ମନ୍ଥର ଗତିରେ ଥିବା ସମୟରେ ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା ମହାମାରୀର ତୃତୀୟ ଲହର ଭୟଙ୍କର ରୂପ ନେଇ ଆସିବ ବୋଲି ସ୍ୱାସ୍ଥ୍ୟ ବିଶାରଦମାନେ ଚେତାବନୀ ଦେଇ ସାରିଲେଣି। ଗତ ଦେଢବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ମହାମାରୀ ବିରୁଦ୍ଧରେ ସାରା ବିଶ୍ୱ ଲଢେଇ ଜାରି ରଖିଥିଲେ ମଧ ଏଥିରୁ ବର୍ତ୍ତମାନ ସୁଦ୍ଧା ଆମେ କିଛି ଶିକ୍ଷା କରିପାରି ନାହୁଁ ବୋଲି କହିଲେ ହୁଏତ ଭୁଲ ହେବ ନାହିଁ। ଗୋଟିଏ ଉଦାହରଣ ଯଥେଷ୍ଟ ହେବ। ହରିଦ୍ୱାରରେ ଅନୁଷ୍ଠିତ ମହାକୁମ୍ଭ ମେଳା ଦେଶରେ ଦେଲେ ଗତବର୍ଷ ମହାମାରୀର ଦ୍ୱିତୀୟ ଲହର ସଂକ୍ରମଣର ସୁପରସ୍ପ୍ରେଡର ହୋଇଥିବା କୁହାଯାଉଥିବା ବେଳେ ଏବେ ଉତର ପ୍ରଦେଶ ସରକାର ଆସନ୍ତା ଶ୍ରାବଣ ମାସରେ ହେବାକୁ ଯାଉଥିବା କାଉଡିଆ ଯାତ୍ରାକୁ ଅନୁମତି ଦେଇଛନ୍ତି। ଅବଶ୍ୟ ଏ ନେଇ ମାମଲା ଏବେ ସୁପ୍ରିମକୋର୍ଟରେ ବିଚାରାଧୀନ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଥିବାବେଳେ କେନ୍ଦ୍ର ସରକାର କାଉଡିଆଯାତ୍ରା ସପକ୍ଷରେ ନଥିବା ନେଇ ସତ୍ୟ ପାଠ ଦାଖଲ କରିଛନ୍ତି। କହିବା ବାହୁଲ୍ୟ ଯେ, ଉତରପ୍ରଦେଶରେ ଶ୍ରାବଣ ମାସରେ ପ୍ରତି ସୋମବାର ଦିନ ଲକ୍ଷ ଲକ୍ଷ କାଉଡିଆ ଗଙ୍ଗା ନଦୀରୁ ଜଳ ନେଇ ଶିବ ମନ୍ଦିରରେ ଅଭିଷେକ କରିଥାନ୍ତି। ଏହି ପର୍ବ ନୂଆ ନୁହେଁ। ଶହଶହ ବର୍ଷର କୁରୁଣା ପର୍ବଦ, ପରମ୍ପରା ଏହି ପର୍ବ ଏବେ କେବଳ ଉତର ଭାରତରେ ସିମୀତ ହୋଇ ରହିନାହିଁ। ସାରା ଦେଶରେ ଏକ ଗଣପର୍ବରେ ପରିଣତ ହୋଇଗଲାଣି। ଅବଶ୍ୟ ମହାମାରୀର ସଂକ୍ରମଣ ଓ ଭୟାବହତାକୁ ଦୃଷ୍ଟି ଗତବର୍ଷ ପରି ଏ ବର୍ଷ ମଧ ଓଡିଶା, ଉତରାଖଣ୍ଡ, ଦିଲ୍ଲୀ, ରାଜସ୍ଥାନ, ମହାରାଷ୍ଟ୍ର ସରକାର କାଉଡିଆଯାତ୍ରାକୁ ନିଷିଦ୍ଧ ଘୋଷଣା କରିଛନ୍ତି। ଉତରପ୍ରଦେଶ ସରକାରଙ୍କ ନିଷ୍ପତି ଘୋଷଣା କରିଛନ୍ତି। ଉତରପ୍ରଦେଶ ସରକାରଙ୍କ ନିଷ୍ପତି ଉପରେ ସର୍ବୋଚ୍ଚ ଅଦାଲତ ନିଜ ଆଡୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। କେନ୍ଦ୍ର ସରକାର କାଉଡିଆ ଯାତ୍ରାକୁ ବିରୋଧ କରୁଥିବା ଯୋଗୁଁ ଉତରପ୍ରଦେଶର ସରକାରଙ୍କୁ ଯାତ୍ରା ବନ୍ଦ ଲାଗି ନିର୍ଦ୍ଦେଶ ଦେବେ ବୋଲି ଆଶା କରାଯାଏ। ଏହା ନିଶ୍ଚିତ ଯେ, କାଉଡିଆ ଯାତ୍ରା କରୋନା ଗାଇଡ ଲାଇନକୁ ବିରୋଧ କରୁଥିବା ଯୋଗୁଁ ସୁପ୍ରିମକୋର୍ଟ ଯଥାର୍ଥ ନିଷ୍ପତି ନେବେ ବୋଲି ଦେଶବାସୀ ଆଶାବାଦୀ। ଅନ୍ୟପକ୍ଷରେ ଦେଶରେ ମହାମାରୀର ନିୟନ୍ତ୍ରଣ ଲାଗି ଗତ ଜାନୁୟାରୀ ମାସ ୧୬ ତାରିଖରୁ ଆରମ୍ଭ କରିଥିବା ଟିକାକରଣ ଅଭିଯାନ ଏବେ ୬ ମାସ ପୁରଣ କରିଥିବା ବେଳେ ଟିକାକରଣର ଲକ୍ଷ୍ୟ ପୁରଣ ହୋଇପାରିନାହିଁ ବୋଲି ନିସନ୍ଦେହରେ କୁହାଯାଇପାରିବ। ଉଲ୍ଲେଖ କରାଯାଇପାରେ ଯେ, କେନ୍ଦ୍ର ସରକାର ଟିକାକରଣ ଦାୟିତ୍ୱ ନିଜ ହାତକୁ ନେବା ପରେ ଆଶା କରାଯାଉଥିଲା ଯେ, ଟିକାଦାନ ଅଭିଯାନ ଶୃଙ୍ଖଳିତ ହେବା ସହ ସଫଳ ହେବ। ମାତ୍ର ଟିକାଦାନ ଅଭିଯାନ ଦେଶରେ ମନ୍ଥର ଗତିରେ ଚାଲିଛି। ଆସନ୍ତା ଡିସେମ୍ବର ସୁଦ୍ଧା ଦେଶର ୯୪ କୋଟି ନାଗରିକଙ୍କୁ ଟିକଦାନ ପ୍ରକ୍ରୀୟା ସଂପୂର୍ଣ୍ଣ କରିବା ପାଇଁ କେନ୍ଦ୍ର ସରକାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ତାହା ପୁରଣ ନହେବା ଆଶଙ୍କା ଜଳଜଳ ହୋଇ ଦେଖାଯାଇଛି ବୋଲି କୁହାଯାଉଛି ବୋଲି କୁହାଯାଉଛି। ଏହାର କାରଣ ଟିକାର ଅଭାବ ଏବଂ ଗ୍ରାମାଚଂଳ ତଥା ଆଦିବାସୀ ବହୁଳ ଦୁର୍ଗମ ଅଂଚଳରେ ଟିକା ନେବା ପାଇଁ ଲୋକଙ୍କ କୁଣ୍ଠାବୋଧ ଉଲ୍ଲେଖ ଯୋଗ୍ୟ ଯେ, ଗତ ମାସ ୨୧ ତାରିଖରେ ଦେଶରେ ନୂତନ ଟିକାନୀତି କାର୍ଯ୍ୟକାରୀ ହେବା ଦିନ ଟିକାକରଣରେ ରେକର୍ଡ ସୃଷ୍ଟି ହୋଇଥିଲା। ଗୋଟିଏ ଦିନରେ ଦେଶରେ ୮୨ ଲକ୍ଷ ଟିକା ନେଇଥିବା ଓଡ଼ିଶାରେ ୩ ଲକ୍ଷରୁ ଅଧିକ ଲୋକ ଟିକା ନେଇଥିବା ଓଡ଼ିଶାରେ ୩ ଲକ୍ଷରୁ ଅଧିକ ଲୋକ ଟିକା ନେଇଥିଲେ। ମାତ୍ର ଗୋଟିଏ ସପ୍ତାହ ଟିକାକରଣ ଶୃଙ୍ଖଳିତ ଭାବେ ଚାଲିବା ପରେ ଟିକାର ଅଭାବ ଯୋଗଁ ଟିକାଦାନ ବାଧାପ୍ରାପ୍ତ ହୋଇଛି। ରାଜ୍ୟମାନଙ୍କୁ କେନ୍ଦ୍ର ସରକାର ଆବଶ୍ୟକ ପରିମାଣର ଟିକା ଯୋଗାଇପାରୁ ନଥିବା ଅଭିଯୋଗ ହୁଏ। ଓଡ଼ିଶା, ମହାରାଷ୍ଟ୍ର, ରାଜସ୍ଥାନ, ଦିଲ୍ଲୀ, ପଶ୍ଚିମବଙ୍ଗ, ଆନ୍ଧ୍ର, କେରଳ ସମେତ ଦେଶର ବହୁ ରାଷ୍ଟ୍ର ଟିକା ଅଭାବ ଅଭିଯୋଗ କରିଛନ୍ତି। ଆମ ରାଜ୍ୟରେ ଟିକା ଅଭାବ ଯୋଗୁଁ ୧୬ଟି ଜିଲ୍ଲାରେ ଟିକାକରଣ ଅଭିଯାନ ବନ୍ଦ ରହିଛି। ଦେଶରେ ମହାମାରୀର ଦୈନିକ ସଂକ୍ରମଣ ଏବେ ୨୦ ହଜାର ଉପରେ ରହିଥିବା ବେଳେ ବର୍ତ୍ତମାନ ଗତ ୬ ମାସରେ ବର୍ତ୍ତମାନ ସୁଦ୍ଧା ୩୩ ପ୍ରତିଶତ ନାଗରିକ ଗୋଟିଏ ଡୋଜ ଟିକା ନେଇଥିବା ବେଳେ ମାତ୍ର ୮ ପ୍ରତିଶତ ଦୁଇଟି ଟିକା ନେଇଛନ୍ତି। ଟିକା ଅଭାବ ଯୋଗୁଁ ଏବେ ଯେଉଁ ବେଗରେ ଟିକାକରଣ ଚାଲିଛି, ହୁଏତ ୯୪ କୋଟି ନାଗରିକଙ୍କୁ ଟିକାଦାନ ବହୁ ବର୍ଷ ଲାଗିଯିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ଏହା ନିଶ୍ଚିତ ଯେ, ପ୍ରଧାନମନ୍ତ୍ରୀ ବାରମ୍ବାର ଟିକାକରଣ ଟ୍ରିଟ୍, ଟେଷ୍ଟ ଓ ଟ୍ରାକ୍ ଉପରେ ଗୁରୁତ୍ୱ ଦେଇଆସୁଛନ୍ତି। କେନ୍ଦ୍ର ସରକାର ଟିକା ଯୋଗାଣକୁ ତ୍ୱରାନ୍ୱିତ କରିବା ସହ ପାରମ୍ପରିକ ଯାନିଯାତ୍ରା ତଥା ଉତରପ୍ରଦେଶ ସରକାରଙ୍କ ନିଷ୍ପତି ଉପରେ ରୋକ୍ ଲଗାଇବା ଜରୁରୀ। ଅନ୍ୟଥା ଟିକାକରଣ ଅଭିଯାନ ବିଫଳ ହେବା ସହ ସଂକ୍ରମଣ ବଢିବା ନିଶ୍ଚିତ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

***ପାଠକୀୟ ମତାମତ ଓ ପରାମର୍ଶ ‘ପର୍ଯ୍ୟବେକ୍ଷକ’ ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା’ ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।***

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ତୈଳଦର ବୃଦ୍ଧି କାହିଁକି ?

କି ଧନି କି ଗରୀବ, କରୋନା ମହାମାରୀ ସମସ୍ତ ଜନ ସାଧାରଣଙ୍କ ଅଂଟା ଭାଙ୍ଗି ଦେଇଛି । ପ୍ରାୟ ଦେଢ ବର୍ଷରୁ ଅଧିକ ହେବ ଚାଷୀ, ମୁଲିଆଠାରୁ ଆରମ୍ଭ କରି ବଡ ଚାକିରିଆ ପର୍ଯ୍ୟନ୍ତ, ଛୋଟ ପରିବା ଦୋକାନୀଠାରୁ ବଡ ବଡ ବ୍ୟବସାୟୀ ପର୍ଯ୍ୟନ୍ତ ସମସ୍ତଙ୍କର କାମଧନ୍ଦାରେ ରୋକ ଲାଗି ଯାଇଛି । ଏ ସମୟରେ ଅନେକଙ୍କ ପେଟରେ ସିଧା କଷ୍ଟ ପଡିଛି । ଲୋକ ଖଟିଲେ ଦୁଇ ବେଳା ଦୁଇମୁଠା ପରିବାରକୁ ଦେବା କାଠିକର ହେଉଥିବା ବେଳେ, ସମ୍ପୁର୍ଣ୍ଣ କାର୍ଯ୍ୟହରା ହୋଇ ଘରେ ବସି ରହି ନିଜ ଗୁଜୁରାଣ ମେଂଟାଇବା ଯେ କେତେ କଷ୍ଟ, ତା କଳନା କରିହେବ ନାହିଁ । ସେହି ତେଲ ଲୁଣ ସଂସାର ଭିତରେ ଘଂଟି ହୋଇ ପଡିଥିବା ବେଳେ ତୈଳ ଦର ସମସ୍ତଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି । ଦୈନିକ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ହୋଇ ଶହେ ଟଙ୍କାରୁ ଅଧିକ ହୋଇଗଲାଣି । ତୈଳଦର ବଢିବା ହେତୁ ଅନ୍ୟାନ୍ୟ ସବୁ ଦର ଉପରେ ତାହାର ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ପ୍ରଭାବ ପଡୁଛି । ପନିପରିବାଠାରୁ ଆରମ୍ଭ କରି ଖାଇବା ତେଲ, ଡାଲି ଆଦି ସମସ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ବଢି ସେହି ହାରରେ ଦୁଇଗୁଣା ହୋଇଗଲାଣି । ଦରବୃଦ୍ଧି ପ୍ରତ୍ୟେକ ବର୍ଗର ଲୋକଙ୍କୁ ବାଧୁଥିବା ବେଳେ କେନ୍ଦ୍ର ବା ରାଜ୍ୟ ସରକାର କୌଣସି ପ୍ରକାରେ ଏଥି ପ୍ରତି ଚିନ୍ତିତ ଥିଲା ଭଳି ଜଣାପଡୁନାହାଁନ୍ତି । ସରକାର ଦରବୃଦ୍ଧି ନେଇ ଯେଉଁଭଳି ଗୋଟିଏ ପରେ ଗୋଟିଏ ସଫେଇ ଦେଇ ଚାଲିଛନ୍ତି, ତା ସାଧାରଣ ଜନତା ଶୁଣିବା ସ୍ଥିତିରେ ନାହାଁନ୍ତି । ଏ ପରିପ୍ରେକ୍ଷୀରେ ଦରଦାମର ହ୍ରାସ କିଭଳି ହେବ ସେ ନେଇ ବ୍ୟସ୍ତ ବିବ୍ରତ ଅବସ୍ଥାରେ ଲୋକ କାଳାତିପାତ କରୁଛନ୍ତି ।ୟୁପିଏ ସରକାର ବା ମନମୋହନ ସିଂହ ସରକାରର ଶେଷ ସରିକି ବିଶ୍ୱ ବଜାରରେ ତୈଳଦର ଅହେତୁକ ଭାବେ ବୃଦ୍ଧି ହେଲା, ଯାହାକି ନିୟନ୍ତ୍ରଣ ବାହାରେ ହୋଇଗଲା । ନିର୍ବାଚନ ବର୍ଷ ଥାଇ ବି ମଧ୍ୟ ୟୁପିଏ ସରକାର ତୈଳଦର ବଢାଇବାକୁ ବାଧ୍ୟ ହେଲେ । ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ୧୧୦ ଡଲାରୁ ୧୨୩ ଡଲାର ଭିତରେ ରହିଲା । ଫଳରେ ପେଟ୍ରୋଲ ଦର ବଢି ୬୫ଟଙ୍କା ଓ ଡିଜେଲ ଦର ୫୭ଟଙ୍କା ହେଲା । ଦେଶସାରା ତୈଳଦର ବୃଦ୍ଧି ନେଇ ତୁମ୍ଭିତୋଫାନ ଆନ୍ଦୋଳନ ହେଲା, ବିରୋଧୀ ଦଳମାନେ ସରକାରଙ୍କୁ ଏଭଳି ଘେରିଗଲେ ଯେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକ ବାର୍ତାରେ ସମସ୍ତ ଦେଶବାସୀଙ୍କ ସହଯୋଗ ଭିକ୍ଷା କଲେ । ଭାରତ ବନ୍ଦଠାରୁ ବିରୋଧୀମାନେ ଶଗଡରେ, ସାଇକେଲରେ ରୋଷେଇ ଗ୍ୟାସ ଧରି ସହରର ଗଳି କନ୍ଦିରେ ବୁଲିଲେ । ସେହି ତୈଳ ଦର ହିଁ ମନମୋହନ ସିଂହଙ୍କ ସରକାରର ପତନର ପ୍ରମୁଖ କାରଣ ହେଲା ଓ ସରକାର ବଦଳି ଗଲା ମଧ୍ୟ । ଏନଡିଏ ସରକାର ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗଠନ ହେଲା ଓ ସରକାର ସପଥ ନେବାର ଅଳ୍ପ କେଇ ଦିନ ଭିତରେ ବିଶ୍ୱ ବଜାରରେ ଅଶୋଧିତ ତୈଳର ଦର ହ୍ରାସ ହେଲା, ଏପରିକି ମାଗଣାରେ ତୈଳ ମିଳିଲା ଭଳି ପରିସ୍ଥିତି ବିଶ୍ୱ ବଜାରରେ ଦେଖାଦେଲା । ସେତେବେଳେ ତୈଳ ଦର ଅଶୋଧିତ ତୈଳ ଦର ଅନୁପାତରେ କମିବା କଥା । କିନ୍ତୁ କେନ୍ଦ୍ର ସରକାର ଅଳ୍ପ କିଛି ତୈଳଦର କମାଇ ଦେଇ ପ୍ରଧାନମନ୍ତ୍ରୀ ବାହାଦୁରି ମାରିଲେ ଯେ ସେ ଆସିବା ପରେ ୧୦୦ ଦିନରେ ତୈଳଦର କମାଇବାକୁ ଦେଇଥିବା ପ୍ରତିଶୃତି ପାଳନ କରିଛନ୍ତି । କିନ୍ତୁ ତୈଳଦର ସେଭଳି ଆଖିଦୃଶିଆ ଭାବେ ନ କମାଇ ସରକାର ଉତ୍ପାଦ ଶୁଳ୍କ ବଢାଇ ଚାଲିଲେ । ଦେଶର ଆର୍ଥିକ ମାନଦଣ୍ଡରେ ସୁଧାର ଆଣିବାର ମିଛ କଥା କହି ସାଧାରଣ ଜନତାକୁ କେନ୍ଦ୍ର ସରକାର ଶୋଷଣ କରିବା ଆରମ୍ଭ କରିଦେଲେ । କ୍ରମେ ତୈଳ ଦର ବିଶ୍ୱବଜାରରେ ସାମାନ୍ୟ ବଢି ୫୦ରୁ ୬୦ଡଲାର ମଧ୍ୟରେ ରହିଲା କିନ୍ତୁ ତୈଳଦର ଅଶୋଧିତ ତୈଳ ଦର ଅନୁପାତରେ ବଢାଇ ଚାଲିଲେ ମଧ୍ୟ ବଢାଇଥିବା ଉତ୍ପାଦ ଶୁଳ୍କକୁ କମାଇବାକୁ ସରକାର ଆଦୌ ମୁଣ୍ଡ ନେଲେ ନାହିଁ । ଫଳରେ ତୈଳଦର ବଢି ବଢି ଚାଲିଲା । ଯେତେବେଳେ ଦେଶକୁ କରୋନା ଛୁଇଁଲା, ଅପ୍ରିଲ ୨୦, ୨୦୨୦ବେଳକୁ ତୈଳ ଦର ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା, ତେଲଦର ପ୍ରାୟ ୭୨ଟଙ୍କାରୁ ଉର୍ଦ୍ଧ୍ୱ ଥିଲା । କରୋନାକୁ ଆଖିରେ ରଖି ସରକାର ତୈଳଦରରେ କମାଇବା ପରିବର୍ତ୍ତେ ତେଲରେ କୃଷି ସେସ ଲଗାଇ ଦରବୃଦ୍ଧିକୁ ଆଉ ପାଦେ ଆଗକୁ ନେଇ ଗଲେ । ସରକାର ଭଲ ଭାବେ ଜାଣିଛନ୍ତି ଯେ ତୈଳ ଦର ବଢିଲେ ଅନ୍ୟ ସମସ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀ ସହ ସମସ୍ତ ପଦାର୍ଥର ଦରବୃଦ୍ଧି ହେବ । କାରଣ ତୈଳ ହିଁ ପ୍ରତ୍ୟେକ ସାମଗ୍ରୀର ଉତ୍ପାଦନଠାରୁ ପରିବହନ ପର୍ଯ୍ୟନ୍ତ ପ୍ରାଥମିକ ସ୍ତରରେ ମୌଳିକ ଆବଶ୍ୟକ । ତେଲ ବିନା ଏବେ କୃଷି କାର୍ଯ୍ୟ ମଧ୍ୟ ହୋଇ ପାରୁନାହିଁ । ପନି ପରିବା ପାଇଁ ମଧ୍ୟ ତୈଳ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ଆବଶ୍ୟକ



ଗୋପାଳ ଚନ୍ଦ୍ର ନାଥ

ରହିଛି । ଏସବୁ ଜାଣି ସରକାର ତୈଳ ଦର ପ୍ରତି କୌଣସି ପ୍ରକାର ପଦକ୍ଷେପ ନେଲେ ନାହିଁ । ସରକାରଙ୍କୁ କୌଣସି ପ୍ରକାର ମୁଣ୍ଡ ଖର୍ଚ୍ଚ ନ କରି ସହଜ ଉପାୟରେ ଅର୍ଥ ଉପାର୍ଜନର ଏକ ରାସ୍ତା ମିଳିଗଲା । ପ୍ରତ୍ୟେକ ଲୋକର ପେଟ୍ରୋଲ ବା ଡିଜେଲର ଆବଶ୍ୟକତା ରହିଛି, ଦୈନିକ କୋଟି କୋଟି ଲିଟର ତୈଳ ବିକ୍ରି ହେଉଥିବା ବେଳେ କେନ୍ଦ୍ର ସରକାର ଗୋଟିଏ ଲିଟରରୁ ସିଧା ୪୦ଟଙ୍କା ଟିକସ ଆକାରରେ ପାଉଛନ୍ତି । ସେହି ହାରରେ ରାଜ୍ୟ ସରକାର ମଧ୍ୟ ଭାଟ ପାଉଛି । ଉଭୟ ସରକାର ଟିକସ କଷି ସାଧାରଣ ଲୋକଙ୍କ ଅର୍ଥକୁ ନେଇ ଦାନି କର୍ଣ୍ଣ ସାଜି ମାଗଣା ବାଂଟିବାରେ ବ୍ୟସ୍ତ । ନିଜର ଭୋଟ ବଢାଇବା ଲାଳସାରେ ସାଧାରଣ ଜନତାଙ୍କୁ ଶୋଷଣ କରିବା କେତେଦୁର ଯଥାର୍ଥ । କେନ୍ଦ୍ର ସରକାର ତୈଳଦର ବୃଦ୍ଧି ନେଇ ସାଧାରଣ ଜନତାଙ୍କୁ ବିଭିନ୍ନ ଆଳ ଦେଖାଇ ଠକିବାରେ ବ୍ୟସ୍ତ । ସାଧାରଣ ଜନତା ସେମାନଙ୍କ କଅଁଳ କଥାକୁ ବିଶ୍ୱାସ କେତେଦୂର ନେଉଛନ୍ତି, ସେ ନେଇ ତର୍ଜମା କରିବାର ଆବଶ୍ୟକତା ରହିଛି । ପ୍ରଥମେ ଦେଶର ପ୍ରଗତିରେ ଅର୍ଥର ଆବଶ୍ୟକ ଥିବାରୁ ତୈଳ ଦର ବୃଦ୍ଧି ଏକ ପ୍ରମୁଖ କାରଣ ବୋଲି ପ୍ରଚାର କରୁଥିବା କେନ୍ଦ୍ର ସରକାର ପରବର୍ତ୍ତି ମୁହୁର୍ତ୍ତରେ କରୋନାର କ୍ଷତି ଭରଣା ପାଇଁ ଅର୍ଥ ଦରକାର ବୋଲି ପ୍ରକାଶ କଲେ । ତାପରେ କରୋନାରେ ସାଧାରଣ ଜନତାଙ୍କୁ ମାଗଣା ଟିକାକରଣ ପାଇଁ ଏ ଅର୍ଥ ଖର୍ଚ୍ଚ ହେଉଥିବା କଥା ପ୍ରକାଶ କରାଗଲା । ବିରୋଧୀ ଦଳ ମାନଙ୍କର ହୋ-ହାଲ୍ଲାକୁ ଆଖି ଆଗରେ ରଖି ପ୍ରମୁଖ ବିରୋଧୀ ଦଳର ମୁହଁକୁ ବନ୍ଦ କରିବା ପାଇଁ ତୈଳ ବଣ୍ଡ କଥା ଉଠାଇଛନ୍ତି । ବିଗତ ମନମୋହନ ସିଂହ ତୈଳ ବଣ୍ଡ ନାଆଁରେ କରିଥିବା କରଜକୁ ସୁଝିବା ପାଇଁ ତେଲ ଦର ବୃଦ୍ଧି ନିତାନ୍ତ ଆବଶ୍ୟକ ହୋଇଛି ବୋଲି ପ୍ରକାଶ କରିଥିଲେ । ଉପରୋକ୍ତ ସମସ୍ତ କାରଣଗୁଡିକ କୌଣସି ପ୍ରକାରେ ଗୋଟିଏ ବି ବିଶ୍ୱାସ ଯୋଗ୍ୟ ନୁହେଁ । ପ୍ରଥମକଥା ହେଲା ଦେଶର ବିକାଶରେ ଏ ଟଙ୍କାର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିବା ସରକାର କୌଣସି ବଜେଟରେ ତୈଳ ଦରରୁ ମିଳୁଥିବା ଅର୍ଥକୁ ବଜେଟରେ ଉପସ୍ଥାପନ କରିନାହାଁନ୍ତି ବା ନିୟଂଟିଆ ବଜେଟ ଅର୍ଥ ଭରଣା କରାଯିବା କଥା ମଧ୍ୟ ସଂସଦରେ ଆଗତ ହୋଇନାହିଁ । କରୋନାରେ ହେଉଥିବା କ୍ଷତିର ଭରଣା କଥା ଯାହା ପ୍ରକାଶ କରାଯାଇଛି, ତା ମଧ୍ୟ ସଠିକ ଭାବରେ ସାଧାରଣ ଜନତାଙ୍କ ଦୃଷ୍ଟିଗୋଚରକୁ ଅଣାଯାଇ ନାହିଁ । କରୋନା ପାଇଁ ମାଗଣା ଟୀକାକରଣ ପାଇଁ ସରକାର ବଜେଟରେ ୩୫୦୦୦ କୋଟି ଟଙ୍କାର ହିସାବ ରଖିଥିଲେ, ଆଉ ଯେତିକି ଅର୍ଥର ଆବଶ୍ୟକ ସେଥିପାଇଁ ତୈଳଦର ଏତାଦୃଶ ବୃଦ୍ଧି କରିବାର କୌଣସି କାରଣ ନାହିଁ । ସବୁଠାରୁ ଶେଷ ଦାବି କରୁଥିବା ମୋଦି ସରକାର କଂଗ୍ରେସ କରିଥିବା ଋଣକୁ ପରିଶୋଧ ପାଇଁ ତୈଳଦର ବୃଦ୍ଧିର ଆବଶ୍ୟକତା କଥା କୁହାଯାଇଛି । ୨୦୧୩-୧୪ ମସିହାରେ ବିଶ୍ୱ ବଜାରରେ ତୈଳଦରର ଅହେତୁକ ବୃଦ୍ଧିକୁ ଆଖି ଆଗରେ ରଖି ସେତେବେଳେ ମନମୋହନ ସିଂହ ସରକାର ତୈଳ ବଣ୍ଡ ଜରିଆରେ ତେଲ ଯୋଗାଇଥିଲେ, ଯାହାକି ଏକ ଚିରାଚରିତ ପ୍ରଥା । ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ରାମ ନାୟକ, ପେଟ୍ରୋଲିୟମ ମନ୍ତ୍ରୀ ଥିଲେ, ସେତେବେଳେ ତୈଳବଣ୍ଡର ପ୍ରଚଳନ ପ୍ରଥମେ ଆରମ୍ଭ ହୋଇଥିଲା ଓ ମନମୋହନ ସିଂହ ସରକାର ସେହି ତୈଳବଣ୍ଡର ଉପଯୋଗ କରି ତୈଳଦରର କିଛିଟା ନିୟନ୍ତ୍ରଣକୁ ଆଣିଥିଲେ । ମନମୋହନ ସିଂହ ସରକାର ଯିବା ବେଳକୁ ଏକଲକ୍ଷ କୋଡିଏ କୋଟି ଟଙ୍କାର ତୈଳବଣ୍ଡ ଆକାରରେ ଋଣ ଥିଲା ଓ କେନ୍ଦ୍ର ସରକାର କେବଳ ତେଲରୁ ଏଇ ସାତ ବର୍ଷ ଭିତରେ ୨୫ଲକ୍ଷ କୋଟିଟଙ୍କା ଟିକସ ଆକାରରେ ସଂଗ୍ରହ କରି ସାରିଲେଣି । ଏଣୁ କେନ୍ଦ୍ରର ଦାବି ଅନୁସାରେ ଯଦି ତୈଳ ବଣ୍ଡ କଥା ଏଠାରେ ବିଚାର କରାଯାଏ, ତେବେ କେନ୍ଦ୍ର ସରକାର ପ୍ରଥମବର୍ଷରେ ସେ ଅର୍ଥର ପରିଶୋଧ ହୋଇଯିବା କଥା । କିନ୍ତୁ ଆଜିଯାଏ ସରକାର ମାତ୍ର ୩,୫୦୦କୋଟି ଟଙ୍କା ପରିଶୋଧ କରିଛନ୍ତି । ପ୍ରତିବର୍ଷର ସୁଧକୁ ଯଦି ଦେଇ ଚାଲିଥାନ୍ତେ, ତେବେ ବର୍ଷକୁ ୧୦୦୦୦କୋଟି ଟଙ୍କା ଦେବାକୁ ପଡିଥାନ୍ତା । କିନ୍ତୁ କେନ୍ଦ୍ର ସରକାର ମାତ୍ର ବର୍ଷକୁ ୫୦୦୦କୋଟି ଟଙ୍କା ଦେଇଛନ୍ତି, ଯାହାକି କେନ୍ଦ୍ର ସରକାର ଭବିଷ୍ୟତ ସରକାର ପାଇଁ ବୋଝ କରି ଛାଡିଦେବାର ଯୋଜନାରେ ଅଛନ୍ତି । ଏସବୁ କଥାକୁ ଆଲୋଚନାକୁ ନେଲେ କେନ୍ଦ୍ର ସରକାର ସାଧାରଣ ଜନତାଙ୍କୁ ଆଇ ମାଆ କାହାଣୀ କହିଲା ଭଳି ଲାଗୁଛି । ସତ୍ୟ କଣ ସେ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି । ଯାହା ଜଣାଯାଉଛି, କେନ୍ଦ୍ର ସରକାର ଅର୍ଥନୀତିରେ ଦୁର୍ବଳ ଓ ଦେଶର ବିକାଶ ପାଇଁ ଅର୍ଥ ସଂଗ୍ରହର ବାଟ ହୁଡି ଶେଷରେ ଅନ୍ୟ ଉପାୟ ନ ପାଇ ଏଭଳି ଏକ ସହଜ ରାସ୍ତା ଆପଣେଇଛି । ୨୦୧୪ ମସିହା ବେଳକୁ ଦେଶର ଅର୍ଥନୀତି ମଜଭୁତ ଥିବା ବେଳେ ଏଇ କେଇଟା ବର୍ଷ ଭିତରେ ଦେଶର ଅର୍ଥନୀତି ସ୍ଖଳିତ ହେବାର କାରଣ କଣ ହୋଇପାରେ ? ଏ କଥା କାହାକୁ ଦୁଃଖ ଲାଗିପାରେ, କିନ୍ତୁ ଭୁଲ ପଦକ୍ଷେପ ହିଁ ଦେଶକୁ ରସାତଳକୁ ଟାଣି ନେଇଛି । ଦେଶରେ ବିମୁଦ୍ରିକରଣ ଅର୍ଥନୀତିକୁ ମାନ୍ଦା ଅବସ୍ଥାକୁ ପହଂଚାଇ ଦେଲା, ତାପରେ ଦେଶରେ ଜିଏସଟି ଭଳି ଏକ ଅପରିଣାମଦର୍ଶୀ ଆଇନ ବ୍ୟବସାୟୀମାନଙ୍କୁ ଦିଗହରା କରିଦେଲା । ଦେଶର ମେରୁଦଣ୍ଡ ସେହି ସମୟରୁ ହିଁ ଭୁଷୁଡି ପଡିଛି । ଦେଶ ଚାଲିବାକୁ ହେଲେ, ଉଚିତ ଯୋଜନା କରି ଚଳାଇବାକୁ ପଡିଥାଏ, ପ୍ରଧାନମନ୍ତ୍ରୀ ଯୋଜନା କମିସନକୁ ଉଠାଇ ଦେଇ ନୀତି ଆୟୋଗ ଗଠନ କଲେ, ସେଥିରେ ଦେଶର ଭବିଷ୍ୟତକୁ ନେଇ କୌଣସି ଯୋଜନା ରଖିଲା ଭଳି ଜଣାଗଲା ନାହିଁ । ପଂଚବାର୍ଷିକ ଯୋଜନା କରାଯାଇ ଦେଶ ଆଗକୁ ଯିବାର ଯେଉଁ ଖସଡା ତିଆରି ହେଉଥିଲା, ତାହା ବନ୍ଦ ହୋଇଗଲା । ଫଳରେ ଦେଶର ଆର୍ଥିକ ଅନାଟନକୁ ଲୋଚାଇବା ପାଇଁ କେନ୍ଦ୍ର ସରକାର ସହଜ ଅର୍ଥ ସଂଗ୍ରହର ରାସ୍ତା ଆପଣେଇଛି । ଦେଶରେ ଜରିମନା ଓ ବିଭିନ୍ନ କର ଲଗାଇ ଲୋକଙ୍କୁ ହତୋତ୍ସାହିତ କରାଯାଉଛି । କିନ୍ତୁ ତୈଳଦର ନ କମାଇଲେ ଦେଶର ଅର୍ଥନୀତି ଆହୁରି ବିପନ୍ନ ହେବ, ଏଥିରେ ସନ୍ଦେହ ନାହିଁ । ନେଡି ଗୁଡ କହୁଣୀକୁ ବଢିଗଲା ପରେ ଭାବିଲା ବେଳକୁ ଆଉ କିଛି ନ ଥିବ । ଏଣୁ ଏବେହୁଁ ସରକାର ସଜାଗ ନ ହେଲେ ଦେଶ ଅଣାୟତ ହେବ, ଏଥିରେ ଦ୍ୱିମତ ହେବାର ଅବକାଶ ନାହିଁ ।

ସାମ୍ବାଦିକ, ଅନୁଗୋଳ
ମୋ-୯୪୩୭୨୯୦୬୬୨

# ଶିକ୍ଷା ନୀତିରେ ପରିବର୍ତ୍ତନ ଉନ୍ନତ୍ତିର ପରିପନ୍ଥୀ ନୁହେଁ

ଶିକ୍ଷା ବିଭାଗର ପରିଚାଳନା ବ୍ୟବସ୍ଥା କିମ୍ବା ଶିକ୍ଷା ପାଠ୍ୟକ୍ରମରେ ସମୟୋପୋଯୋଗୀ ପରିବର୍ତ୍ତନରେ ଶିକ୍ଷାର୍ଥୀଙ୍କ ଉନ୍ନତ୍ତି ହେବା ସମ୍ଭାବନା ଖୁବ୍ କମ୍ । ଯେଉଁ ଶିକ୍ଷା ଦିଆଯିବ ତାହାର ଗୁଣାତ୍ମକ ମାନ ଉପରେ ପ୍ରାଧାନ୍ୟତା ଦିଆନଗଲେ କେବଳ ବ୍ୟବସ୍ଥାର ସୌନ୍ଦର୍ଯ୍ୟ ବୃଦ୍ଧି ହେବା ଛଡା ରାଷ୍ଟ୍ରର ପ୍ରଗତି ଅସମ୍ଭବ । ଆମ ଦେଶରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଏତେ ବେତାଳତା ପରିଲକ୍ଷିତ ହୁଏଯେ ଶିକ୍ଷାର୍ଥୀଙ୍କ ଶୈକ୍ଷିକତାରେ କୌଣସି ସାମସ୍ୟତା ଅନ୍ତର କରିବା ଅସମ୍ଭବ । ବିଭିନ୍ନ ପ୍ରକାର ଶିକ୍ଷା ବ୍ୟବସ୍ଥା ମଧ୍ୟରେ କେଉଁ ଶିକ୍ଷାର ମାନ କେତେ ନିରୂପଣ କରିବା କଷ୍ଟକର । ବ୍ରିଟିଶ ମାନଙ୍କ ଦ୍ୱାରା ପ୍ରଚଳିତ ଆଇନ ଏବଂ ସେହି ଆଇନରେ ଉପସ୍ଥିତ କ୍ଷମତାଧାରୀ ମାନଙ୍କ ଅବଶ୍ୟକ / ବିଚାରଧାରାକୁ ନେଇ ସମୟୋପୋଯୋଗୀ ପରିବର୍ତ୍ତନ କରିପାରିବା କ୍ଷମତା ମାଧ୍ୟମରେ କେଉଁ ପ୍ରକାର ଶିକ୍ଷାକୁ କେତେ ପ୍ରାଧାନ୍ୟତା ଦିଆଯିବ ନିର୍ଦ୍ଧାରଣ କରାଯାଇଥାଏ ଯାହାର ବାସ୍ତବତା ଗଣେଶ, ସରସ୍ୱତୀ କି ବ୍ରହ୍ମା ମଧ ବୁଝି ପାରିବେ ନାହିଁ ! ଆଉ ଆମେତ ସାଧାରଣ ମଣିଷ ମାତ୍ର । ସ୍ଥଳ ବିଶେଷକୁ ନେଇ ଯାହାର ଯାହା ଆବଶ୍ୟକ ତଦନୁଯାୟୀ ଶିକ୍ଷାନୀତି ପ୍ରଣୟନ କରାଯାଇ ପୁଣି କେତେକ କ୍ଷମତାଧାରୀ ମଣିଷଙ୍କ ଜରିଆରେ ବିଭିନ୍ନ ଅନୁମତି / ଅନୁମୋଦନ ପ୍ରଦାନ ପୂର୍ବକ କୌଣସି ଗୋଟିଏ ଧାରାର ଶିକ୍ଷା ଉପରେ ଏତେ ଭିନ୍ନତା ପରିଲକ୍ଷିତ ହେଉଛି ଆମ ଶିକ୍ଷା ବ୍ୟବସ୍ଥାରେ ଯେ ସେଗୁଡିକୁ ସହଜରେ ବୁଝିହେବ ନାହିଁ । କହିବାକୁ ଗଲେ ଏକ ପ୍ରକାର ବ୍ୟବସାୟିକ ପଦ୍ଧତିରେ ଶିକ୍ଷା ବ୍ୟବସ୍ଥା ଚାଲୁଛି ଆମ ଦେଶରେ ଯାହା କେବଳ ବ୍ୟବସ୍ଥାର ନିୟମକୁ ପୁରା କରୁଥିଲେ ମଧ ଶିକ୍ଷାର ମାନ ଉପରେ କୌଣସି ପ୍ରାଧାନ୍ୟତା ରଖିନଥାଏ । ତେଣୁ ଶିକ୍ଷାନୁଷ୍ଠାନ / ଶିକ୍ଷାର୍ଥୀ ମଧ ସେହି ବ୍ୟବସ୍ଥାର ନିୟାମକ ମଧରେ ପରିଚାଳିତ ହୋଇ ସୁବିଧା, ସୁଯୋଗ ଦେଖି ମନମୁତାବକ କାର୍ଯ୍ୟ ହାସଲ କରିବା ଦିଗରେ କୃତକାର୍ଯ୍ୟ ହୋଇଥା’ନ୍ତି କିଛି ଅସାଧୁ କର୍ମଚାରୀ / ଅଧିକାରୀଙ୍କ ସ୍ୱାର୍ଥକୁ ପୁରା କରି ଯାହା ଆମେ ସମସ୍ତେ ଜାଣୁ ! ଶିକ୍ଷାର୍ଥୀ ମାନଙ୍କ ପ୍ରାଧାନ୍ୟତା ରହିଥାଏ ଭଲ ନମ୍ବର ରଖି ପ୍ରମାଣପତ୍ର ଟିଏ ପାଇଗଲେ ସେହି ପ୍ରମାଣପତ୍ରକୁ ବିନିଯୋଗ କରି କୌଣସି ସ୍ଥାନରେ ନିୟୋଜିତ ହୋଇ ଉଚ୍ଚା ଦରମା ସାଙ୍ଗକୁ କିଛି ଅନୈତିକ ଅର୍ଥ ଆଦାୟ କରିପାରିଲେ ଜୀବନ ସାର୍ଥକ ହେବ । ପ୍ରେତ୍ୟେକ ବାପା ମା’ ମଧ ଅନୁରୂପ ଚେତନାରେ ଅଭିଷିକ୍ତ ଆମ ଦେଶର ଏହା ଏକ ସାଧାରଣ ଚରିତ୍ରରେ ପରିଣତ । ଶିକ୍ଷାର ପ୍ରକୃତ ମୂଲ୍ୟ କେହି ବୁଝନ୍ତି ନାହିଁ କି ବୁଝିବା ଆବଶ୍ୟକତା ରହୁନଥିବା ଏକ ଦୁଃଖଦ ପରିସ୍ଥିତି ଆଜିର ଏହି ସ୍ୱାର୍ଥନ୍ୱେଷୀ ସମାଜରେ । ସମସ୍ତେ କେବଳ କୌଣସିମତେ ପ୍ରମାଣପତ୍ର ଯୋଗାଡ଼ କରିବାରେ ବ୍ୟସ୍ତ ଯେଉଁମାନେ ପରବର୍ତ୍ତୀ ସମୟରେ ନିଜେ ଅର୍ଜନ କରିଥିବା ଶିକ୍ଷାରହିଁ ମୂଲ୍ୟବୋଧତା ପ୍ରମାଣିତ କରିବାରେ ଅକ୍ଷମ ଥାଇ ଯାନ୍ତୁ, ତାକୁ ପଚାରି ବୁଝି ଏକ ଉଚ୍ଚ ସ୍ଥାନରେ ଅଧିକାରୀ ଭାବେ ନିୟୋଜିତ ହୋଇ କାର୍ଯ୍ୟ ଭାର ତୁଲାଉଛନ୍ତି ପ୍ରାୟତଃ ସମସ୍ତ କ୍ଷେତ୍ରରେ ଯାହା କହିବା ଆବଶ୍ୟକ ନାହିଁ, ବରଂ ନିଜକୁ ନିଜେ ପଚାରି ବୁଝି ସେମାନେ ସଠିକ ଆକଳନ କରିପାରୁଥିବେ କଥାଟିର ସତ୍ୟତା କେତେ । ଏହିଭଳି ପ୍ରାୟତଃ ସବୁ ସ୍ଥାନରେ ନିୟୋଜିତ ଆମ ଦେଶର ପ୍ରାୟ ସମସ୍ତ କର୍ମଚାରୀଙ୍କୁ ପୁନଃ ପରକ୍ଷା କରି ଦେଖିଲେ ୯୦ ପ୍ରତିଶତରୁ ଅଧିକ କର୍ମଚାରୀ ବିଫଳ ହେବେ ସେମାନଙ୍କ ଦକ୍ଷତା ପ୍ରତିପାଦନ କରିବା ପାଇଁ ଯେଉଁକାର୍ଯ୍ୟ ପାଇଁ ସେମାନେ ନିୟୋଜିତ । ତଥାପି ଆମ ଦେଶ ଚାଲିଛି, ଆଗକୁ ଚାଲିବ ମଧ । କିନ୍ତୁ ପ୍ରଗତିର ପଥ ପ୍ରତିକୂଳରେ ଯାହା ଆମେ ବର୍ତ୍ତମାନ ଦେଖୁଛେ, ଅନୁଭବ କରୁଅଛେ ।ପ୍ରକୃତ ଗୁଣାତ୍ମକ ଶିକ୍ଷା ମଣିଷକୁ ପାରିପାର୍ଶ୍ୱିକ ଅବସ୍ଥିତି ତଥା ଆବଶ୍ୟକ ମୁତାବକ ସାମାଜିକ ବ୍ୟବସ୍ଥା ଉପରେ ଜ୍ଞାନ ପ୍ରଦାନ ପୂର୍ବକ ମାନବୀୟ ଚାରିତ୍ରିକ ବିଚାରଧାରା ଏବଂ ସାମାଜିକ ବ୍ୟବସ୍ଥାର ରୁପରଖ ବିଷୟରେ ଅବଗତ



ପଙ୍କଜ କୁମାର ପାଣିଗ୍ରାହୀ

କରାଇଥାଏ । ସେହି ସାମାଜିକ ଜ୍ଞାନ ପାଇବା ପରେ ଶିକ୍ଷାର୍ଥୀ ପୁନଃ ନିଜର ଗବେଷଣାତ୍ମକ କ୍ଷମତା ବୃଦ୍ଧି କରି ନୂତନ ଅଶାର କିରଣ ଦିଗକୁ ନିଜକୁ ପରିଚାଳିତ କରି ଅନେକ ନୂତନ ଉଦ୍ଭାବନ / ଆବିଷ୍କାର କରି ସମାଜକୁ ଅଧିକ କିଛି ପ୍ରଦାନ କରିବା ଲକ୍ଷ ରଖା ଯାଇଥାଏ ! ସେମିତି ବିଚାରଧାରାରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ରାଷ୍ଟ୍ରକୁ ନୂତନ ଆଲୋକ ପ୍ରଦାନ କରି ରାଷ୍ଟ୍ରର ବିକାଶ କରିପାରିବ ଯାହା ଆମ ସମାଜରେ ତାହାର ବିପରୀତେ କାର୍ଯ୍ୟ ଚାଲୁଥିବା କାହାକୁ ଅଗୋଚର ନୁହେଁ। ତେଣୁ ଆମେ ଆଜି ପର୍ଯ୍ୟନ୍ତ କୌଣସି ଗବେଷଣାତ୍ମକ କ୍ଷେତ୍ରରେ କୃତକାର୍ଯ୍ୟ ହୋଇନଥିବା ସ୍ୱୀକାର୍ଯ୍ୟ । ଆମ ଦେଶର ଶିକ୍ଷାର୍ଥୀ କେବଳ ପ୍ରମାଣପତ୍ର ପାଇ ଉତ୍ତମ ଚାକିରିଟିଏ କରିବା ଲକ୍ଷ ରଖିଥିବା ଛଡା, ଶିକ୍ଷାର ପ୍ରକୃତ ସଦୁପଯୋଗ କରିବା ଜାଣନ୍ତି ନାହିଁ କି ସେମାନେ ଜାଣିବାର କିଛି ସୁଯୋଗ ନଥିବା ଏକ ବ୍ୟାପକ ଦୁଃଖଦ ପରିସ୍ଥିତି ! ଶିକ୍ଷାନୀତିରେ ପରିବର୍ତ୍ତନ କରାଯିବା ଲକ୍ଷ ପ୍ରଥମେ କେବଳ ଗୁଣାତ୍ମକ ମାନର ଶିକ୍ଷା ଉପରେ ଆଧାରିତ ହୋଇ ପରବର୍ତ୍ତୀ ଲକ୍ଷ ଅନୁଶାସନ ସୁଧାର ଉପରେ ନହେଲେ ଆଗକୁ କେବଳ ମିଥ୍ୟା ପ୍ରତିଭାଧାରୀ ଯୋଗାଡ଼ିଆ ପ୍ରମାଣପତ୍ର ପ୍ରାପ୍ତ ଶିକ୍ଷିତଙ୍କୁ ନେଇ ଦେଶର ପ୍ରଗତି ହେବକି ଦୁର୍ଗତି ବିଚାର କରନ୍ତୁ ସୃଜନେ । ଗୋଟିଏ ସଭ୍ୟ ସମାଜର ମୂଳ ଆଧାର ଶିକ୍ଷା ଉପରେ ଯଥେଷ୍ଟ ପ୍ରାଧାନ୍ୟତା ଦେଇ ସର୍ବସାଧାରଣ ତାହାରି ଉପରେ ପ୍ରସ୍ତାବ ଦେଇ ସରକାରଙ୍କୁ ଅବଗତ କରାଇବା ଏକାନ୍ତ ଆବଶ୍ୟକ । ନହେଲେ ବ୍ୟବସ୍ଥାରେ ଉପଲବ୍ଧ ସୁଯୋଗକୁ ନେଇ ନିଜ ବଂଶଜ ମାନଙ୍କୁ ମିଥ୍ୟା ପ୍ରମାଣପତ୍ର ଯୋଗାଡ଼ କରି ଉଚ୍ଚସ୍ଥାନିତ କରାଇବା ଲକ୍ଷ ରଖି ଚାଲିଲେ ଆସନ୍ତା ଭବିଷ୍ୟତରେ ମେହେଙ୍କାଳ ଫଳ ସଦୃଶ୍ୟ ମଣିଷ ଗୁଡିଏ ଜାତ ହୋଇ ଦେଶକୁ ନିମ୍ନଗାମୀ କରିବା ଛଡା କୌଣସି ଉନ୍ନତ୍ତି, ପ୍ରଗତିର ଧାରା ଅସମ୍ଭବ ହୋଇପଡିବ ବୋଲି ଆମ ବିଚାରରେ ଆପଣଙ୍କ ମତବ୍ୟକ୍ତ କରିବେ ବୋଲି ଆଶା !

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ ।
ଦୂରଭାଷ.: ୯୪୩୭୩୨୪୯୧୭.




# ଓଡିଶା ମୋ ପରିବାର ଆନୁକୂଲ୍ୟରେ ବିଜେଡି କାର୍ଯ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ଭୁବନେଶ୍ୱର: ଆଜି ଓଡିଶା ମୋ ପରିବାର ଆନୁକୂଲ୍ୟରେ ବିଜୁ ଜନତାଦଳ କାର୍ଯ୍ୟାଳୟରେ ବିଜୁ ଜନତା ଦଳର ମହିଳା କର୍ମୀମାନଙ୍କୁ ନେଇ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ବିଂଝାରପୁରର ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଚନ୍ଦବାଲିର ବିଧାୟକ ବ୍ୟୋମ୍ଭ କିଶୋର ରାୟ, ପୂର୍ବତନ ମହିଳା କମିଶନର୍ ଲୋପାମୁଦ୍ରା ବକ୍ସିପାତ୍ର ଓ କସ୍ତୁରୀ ମହାପାତ୍ର, ବରିଷ୍ଠ କେଟ୍ ଉପ-ସଭାପତି ସନ୍ଧ୍ୟା ବିଶ୍ୱାଳ ଓ ସଂଯୁକ୍ତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ବାଲି ଚୋରାଚାଲାଣ ୪ ଟି ଟ୍ରାକ୍ଟର ଠାରୁ ୬୦,୪୨୦ ଟଙ୍କା ଆଦାୟ, ୨ ଟ୍ରାକ୍ଟର ଅଟକ

ନୂଆପଡା: ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ନେହେନା ଗ୍ରାମ ସ୍ଥିତ ସୁନ୍ଦର ନଦୀରେ ବାଲି ଚୋରାଚାଲାଣ ଖବର ପାଇଁ ଖଡିଆଳ ତହସିଲ ଆବର୍ତନ ଦଳ ଶୁକ୍ରବାର ଚଢାଉ କରିଥିଲା । ଚଢାଉ ସମୟରେ ୪ ଗୋଟି ଟ୍ରାକ୍ଟରରେ ବାଲି ଭର୍ତି ହୋଇ ଚାରା ଚାଲାଣ ହେଉଥିବା ବେଳେ ୨ ଗୋଟି ଟ୍ରାକ୍ଟର ଖାଲି ଥିବା ଜଣାପଡିଥିଲା । ଆବର୍ତନ ଦଳ ୪ ଗୋଟି ଟ୍ରାକ୍ଟର ଠାରୁ ପ୍ରତି ଟ୍ରାକ୍ଟର ଠାରୁ ୧୫,୧୦୫ ଟଙ୍କା ହିସାବରେ ମୋଟ ୬୦,୪୨୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ଦିଆଯାଇଛି । ଅନ୍ୟ ୨ ଗୋଟି ଖାଲିଥିବା ଟ୍ରାକ୍ଟରକୁ ଅଟକ ରଖାଯାଇଥିବା ନେଇ ଆବର୍ତନ ଦଳରେ ଥିବା ଅତିରିକ୍ତ ତହସିଲଦାର ଭୁପେନ୍ଦ୍ର ସିଂ ପ୍ରକାଶ କରିଛନ୍ତି । ଏହି ଆବର୍ତନ ଦଳରେ ଡୁଆଝର, ତୁକଲା ଓ ଖଡିଆଳ ଆରଆଇ ସାମିଲ ଥିଲେ ।

# ପେଟ୍ରୋଲ ଡିଜେଲ ଦରବୃଦ୍ଧି ପ୍ରତିବାଦରେ କଂଗ୍ରେସର ସାଇକେଲ ଶୋଭାଯାତ୍ରା



କେନ୍ଦ୍ରାପଡ଼ା : ଦେଶରେ ପେଟ୍ରୋଲ ଓ ଡିଜେଲ ତଥା ରନ୍ଧନ ଗ୍ୟାସର ଧାରାବାହିକ ଦରବୃଦ୍ଧି, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟବୃଦ୍ଧି ପ୍ରତିବାଦରେ କେନ୍ଦ୍ରାପଡା ନଗର ଓ ବ୍ଲକ କଂଗ୍ରେସ ପକ୍ଷରୁ ଏକ ସାଇକେଲ ର୍ୟାଲିର ଆୟୋଜନ କରାଯାଇ ଥିଲା । ନଗର କଂଗ୍ରେସ ସଭାପତି ରାଜେଶ ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ଚିତ୍ରସେନ ପରିଡା, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଶହ ଶହ କଂଗ୍ରେସ କର୍ମି ସାଇକେଲ ଶୋଭାଯାତ୍ରାରେ ସାମିଲ ହୋଇ ତିନିମୁହାଣୀ ରାମ ମନ୍ଦିର ପରିସରରୁ ବାହାରି ସହର ପରିକ୍ରମା କରି, କେଶପୁର ପଂଚମୁଖୀ ହନୁମାନ ମନ୍ଦିର ନିକଟରେ ସମବେତ ହୋଇ ପ୍ରତିବାଦ ଜଣାଇଥିଲେ । ଏହିଠାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କର କୁଶ ପୁତଳିକା ଦାହ କରି ବିଜେପି ସରକାର ବିରୋଧି ନାରାବାଜି କରିଥିଲେ । ଶରତ ଚନ୍ଦ୍ର ବେହୁରା, ମହମ୍ମଦ ଆକବର ଅଲ୍ଲୀ, ପ୍ରଦ୍ୟୁମ୍ନ ଜେନା, ନାରାୟଣ ଚନ୍ଦ୍ର ପରିଡା, ସମ୍ବିତ ଶ୍ରୀଚନ୍ଦନ, ମିର୍ ମୁରସିଦ, ମୁକ୍ତାର ଖାନ, ସୌମେନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଏଆଇସିସିର ସଭ୍ୟ ହଳଧର ସେଠୀ ଯୋଗ ନଦେଇ କଂଗ୍ରେସର ଅନ୍ୟଏକ କାର୍ଯ୍ୟରେ ଯୋଗ ଦେଇଥିବା ଜଣାପଡିଛି ।

# କେନ୍ଦୁଝର ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଟଂନରେ ବ୍ୟାପକ ଘୋଟାଲାକୁ ନେଇ ବିଜେପିର ସଦର ବ୍ଲକ ଘୋରାଓ

କେନ୍ଦୁଝର: କେନ୍ଦୁଝର ଜିଲ୍ଲ ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଟଂନ କ୍ଷେତ୍ରରେ ହୋଇଥିବା ବ୍ୟାପକ ଘୋଟାଲା ର ପ୍ରତିବାଦ କରିବା ସହ ଏଥିରେ ରେ ସଂପୃକ୍ତ ଥିବା ସରକାରୀ ଓ ବେସରକାରୀ ଅଧିକାରୀ ପ୍ରମୁଖ ଙ୍କ ବିରୁଦ୍ଧ ରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବୀ କରି ଆଜି ଶୁକ୍ରବାର ଦିନ ସଦର ବ୍ଲକ ଅଫିସ ଘେରାଉ କରିଛି ଭାରତୀୟ ଜନତା ଦଳ । ଶୁକ୍ରବାର ଦିନ ପୂର୍ବାହ୍ନ ପ୍ରାୟ ୧୨ ଟା ୩୦ ମିନିଟ ସମୟରେ ବିଜେପି ଦଳର ସଦର ବିଧାୟକ ତଥା ବିଧାନସଭାର ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ଚରଣ ମାଝି ଙ୍କ ନେତୃତ୍ୱ ରେ ଶହ ଶହ ବିଜେପି କର୍ମୀ ସହୀଦ ସଦନ ଠାରୁ ହାତରେ ବ୍ୟାନର ଫ୍ଲାକ କାର୍ଡ ଧରି ସ୍ଲୋଗାନ ସହ ଏକ ବିରାଟ ପଟୁଆର ରେ ଆସି ସଦର ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିତିଲେ । ଏବଂ ବିଡିଓ ଙ୍କ ଜରିଆରେ ରାଜ୍ୟପାଳ ଙ୍କ ଉଦ୍ଦେଶ୍ୟ ରେ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ । ବିଧାୟକ ମୋହନ ମାଝୀଙ୍କ ଅଭିଯୋଗ ଅନୁସାରେ ଗରିବ ଲୋକ ଙ୍କୁ ଏହି ଆବାସ ଯୋଜନା ରେ ଘର ଖଣ୍ଡେ ମିଳୁ ନଥିବା ବେଳେ ଧନୀ ଲୋକ ମଧ୍ୟରେ ଜଣ ଜଣ ଙ୍କୁ ଦୁଇଟି ଲେଖାଁଏ ଘର ମିଳୁଛି । ଏପରି କି ବିଜେଡି କର୍ମୀ ଙ୍କୁ ମଧ୍ୟ ଘର ଦିଆଯାଉଛି । ଗୋଟିଏ ଗୋଟିଏ ଘର ପିଛି ହୀତାଧୀକାରୀ ଙ୍କର ଠାରୁ ୧୫ ରୁ ୨୦ ହଜାର ଟଙ୍କା ଉତ୍କୋଚ ନିଆଯାଉଥିବା ଏବଂ ଏଥିରେ ଜିଲ୍ଲା ପ୍ରଶାସନ ର କିଛି କର୍ମଚାରୀ ସଂପୃକ୍ତ ଥିବା ସେମାନେ ଅଭିଯୋଗ କରି ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଛନ୍ତି । ଏପରିକି ଏବେ କେନ୍ଦ୍ର ସରକରା ଙ୍କର ଠାରୁ ଜିଲ୍ଲା କୁ ଆସିଥିବା ୮୪ ହଜାର ୫୨ ଗୋଟି ଘର ପାଇଁ ହୋଇଥିବା ଦରଖାସ୍ତ ଆବେଦନ ଏପର୍ଯ୍ୟନ୍ତ ପର୍ଯ୍ୟନ୍ତ ଖୋଲା ନ ହେବର କାରଣା ଉପରେ ସେମାନେ ପ୍ରଶ୍ନ ଉଠାଇଛନ୍ତି । ଏବଂ ଏଥିରେ ଦୁର୍ନିତୀ ର ଗନ୍ଧ ସ୍ୱଷ୍ଟ ବାରି ହୋଇପଡୁଥିବା ବିଧାୟକ ମୋହନ ମାଝି କହିଛନ୍ତି । ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଏହି ଘୋଟାଲା ର ସମାଧନ ନ କଲେ ଆଗାମୀ ଦିନ ରେ ଏହି ଆନ୍ଦୋଳନ କୁ ତୀବ୍ରତର କରାଯିବ ବୋଲି ମୋହନ ମାଝି ଚେତାବନୀ ଦେଇଛନ୍ତି ।

# ଯାଜପୁର ଜିଲାବ୍ୟାପୀ ବିଜେପି ପକ୍ଷରୁ ବ୍ଲକ ଘେରାଉ

ଧର୍ମଶାଳା: ଯାଜପୁର ଜିଲାର ବିଭିନ୍ନ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୃର୍ନୀତି ହୋଇଥିବା ନେଇ ଜିଲା ବ୍ୟାପୀ ବିଜେପି ପକ୍ଷରୁ ବ୍ଲକ ଆଗରେ ଧାରଣା ଦିଆଯାଇଛି । ଏହି ଅବସରରେ ଧର୍ମଶାଳା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଛି । ଏହାର ପ୍ରତିବାଦରେ ଧର୍ମଶାଳା ବିଜେପି ପକ୍ଷରୁ ରାଜ୍ୟ ନେତୃତ୍ୱଙ୍କ ନିର୍ଦ୍ଦେଶକ୍ରମେ ଆଜି ବ୍ଲକ ଘେରାଉ କରାଯାଇଛି । ଏହି ଘେରାଉ ସମୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବିଜେପି ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ପରିଡା,ବିଜେପି ନେତ୍ରୀ ସ୍ମୃତିରେଖା ପହି ଓ ବିରିଷ୍ଠ ନେତା ସର୍ବେଶ୍ୱର ବେହୁରା ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ରହି ରାଜ୍ୟସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ । ସେହିପରି ବଡଚଣା ବ୍ଲକରେ ବିଜେପି ନେତା ଅମର ନାୟକଙ୍କ ନେତୃତ୍ୱରେ ଏହାର ପ୍ରତିବାଦ କରାଯାଇଛି । ରସୁଲପୁର ବ୍ଲକ କାର୍ଯ୍ୟାଳୟ ଆଗରେ ଶତାଧିକ ବିଜେପି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ବରୀ ବ୍ଲକ ସମ୍ମୁଖରେ ବିଜେପି ନେତା ବିଶ୍ୱରଂଜନ ମଲ୍ଲିକଙ୍କ ନେତୃତ୍ୱରେ ଶହଶହ ବିଜେପି କର୍ମୀ ଏକତ୍ର ହୋଇ କାର୍ଯ୍ୟାଳୟ ଆଗରେ ପ୍ଲାକାର୍ଡ ଧରି ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୧ ସୁଦ୍ଧା ଦେଶର ସମସ୍ତ ଗରିବ ପରିବାରକୁ ପକ୍କାଘର ଯୋଗାଇ ଦେବାକୁ ସଙ୍କଳ୍ପ ନେଇଛନ୍ତି । ଏହାକୁ ସାକାର କରିବା ପାଇଁ ଚଳିତ ବର୍ଷ ରାଜ୍ୟକୁ ୮ ଲକ୍ଷ ୧୭ ହଜାର ଆବାସ ଯୋଜନା ଯୋଗାଇ ଦିଆଯାଇଛି । ମାତ୍ର ଏହି କାର୍ଯ୍ୟକୁ ପୂରଣ କରିବାରେ ରାଜ୍ୟ ସରକାର ଟାଳଟୁଳ ନିତି ଅବଲମ୍ବନ କରି ବାଧା ସୃଷ୍ଟି କରୁଛି । ଏହି ବ୍ଲକରେ ଅଯୋଗ୍ୟ ହିତାଧିକାରୀଙ୍କୁ ଦଳୀୟ ଭିତିରେ ହିତାଧିକାରୀ ଚୟନ କରିବା ସହ ପିସି କାରବାର ହେଉଥିବା ନେଇ ବିଜେପି ପକ୍ଷରୁ ଅଭିଯୋଗ ହୋଇଛି ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନିୟମିତତାର ପ୍ରତିବାଦ : ବିଜେପିର କେନ୍ଦ୍ରାପଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଘେରାଉ




କେନ୍ଦ୍ରାପଡ଼ା : ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଚୟନରେ ଅନିୟମିତତା ପ୍ରତିବାଦରେ କେନ୍ଦ୍ରାପଡା ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡାଙ୍କ ନେତୃତ୍ୱରେ କେନ୍ଦ୍ରାପଡା ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଘେରାଉ କରିଥିଲେ । ଶତାଧିକ ବିଜେପି କର୍ମୀ ରାଜ୍ୟ ସରକାରଙ୍କ ବିରୋଧରେ ଫ୍ଲାକ କାର୍ଡ ଧରି ନାରାବାଜି ଦେଇ ମୁଖ୍ୟ ଫାଟକ ସମ୍ମୁଖରେ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ବସି ରହିଥିଲେ । ସମସ୍ତ ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବାକୁ ଘୋଷଣା କରି ପ୍ରଧାନମନ୍ତ୍ରୀ ମୋଦୀ ଓଡିଶାକୁ ପ୍ରଥମ ଦଫାରେ ୨୯.୯୧ଲକ୍ଷ ଏବଂ ଦ୍ୱିତୀୟ ଦଫାରେ ୮.୧୭ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଦେଇଛନ୍ତି ବୋଲି ବିଜେପି ନେତା ସୂଚନା ଦେଇଥିଲେ । ଏହି ଆବାସ ବର୍ଣ୍ଟନରେ ରାଜ୍ୟ ସରକାରଙ୍କ ପ୍ରରୋଚନାରେ ସରପଞ୍ଚ ଏବଂ ଅଧିକାରୀମାନେ ପ୍ରିୟାପ୍ରୀତି ପୋଷଣ କରି ଦଳୀୟ ଭିତ୍ତିରେ ଅଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏହା ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଜେପି ନେତାମାନେ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ମଣ୍ଡଳ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ଦାସଙ୍କୁ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ସୁନାକର ବେହେରା, ବୈଦ୍ୟନାଥ ଚାଟାର୍ଜୀ, ନୃସିଂହ ପତ୍ରୀ, ଜିଲ୍ଲା ଉପସଭାପତି ଉପିନ ରାଉତ, ସାଧାରଣ ସମ୍ପାଦକ ଅଭିମନ୍ୟୁ ଗୋଚ୍ଛାୟତ,ସମ୍ପାଦକ ଅମିତାଭ ସୁଆର, ଯୁବମୋର୍ଚ୍ଚା ସଭାପତି ବିନ୍ଦୁସାଗର ଦାସ, ଅନୁସୂଚିତ ମୋର୍ଚ୍ଚା ସଭାପତି ସୁଦାମ ମଲ୍ଲିକ, ଆଇଟି ସଂଯୋଜକ ମୁକ୍ତିକାନ୍ତ ସ୍ୱାଇଁ, ମଣ୍ଡଳ ସଭାପତି ମଦନ ବେହେରା, ଶଶାଙ୍କ ଓଝା, ଉମାକାନ୍ତ ନାୟକ, ବାସୁଦେବ ତ୍ରିପାଠୀ, ଶେଷଦେବ ପ୍ରଧାନ, ଶ୍ରୀକାନ୍ତ ସେଠୀ ପ୍ରମୁଖ ସାମିଲ ହୋଇଥିଲେ । ଗଜେନ୍ଦ୍ର ନାୟକ, ଜିଲ୍ଲା ଉପସଭାପତି ଦମୟନ୍ତୀ ସାମଲ, ଜିଲ୍ଲା ସମ୍ପାଦକ ସୌଭାଗିନୀ ପତି, ଜିଲ୍ଲା ସହସମ୍ପାଦକ ଝରଣା ରାଉତ ଓ ଝରଣା ବେହେରା ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ ।

## ବାଇକ ଟ୍ରାକ୍ଟର ମୁହାମୁହିଁ ବାପା ମୃତ, ପୁଅ ଗୁରୁତର

କନ୍ଧମାଳ: ଫୁଲବାଣୀ ସଦରଥାନା ଅଂଚଳରେ ଥିବା ତିଲକପଡା ଛକଠାରେ ଏକ ବାଇକ ଏବଂ ଟ୍ରାକ୍ଟର ମୁହାମୁହିଁ ହେବା ଫଳରେ ଘଟଣା ସ୍ଥଳରେ ବାଇକରେ ଯାଉଥିବା ଜଣେ ୭୫ ବର୍ଷରୁ ଅଧିକ ବୟଷର ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି ଓ ତାଙ୍କ ପୁଅ ଗୁରୁତର ଭାବେ ଆହତ ହୋଇ ଫୁଲବାଣୀ ଡାକ୍ତରଖାନାରେ ଭର୍ତି ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ ଟିକାବାଲି ଥାନା ଅଂଚଳର କଇଁଝର ଗ୍ରାମର ଶ୍ୟାମଘନ ସାହୁ ନାମକ ଜଣେ ବ୍ୟକ୍ତି ତାଙ୍କ ପୁଅ ସୁଧିର କୁମାର ସାହୁ (୫୦) କୌଣସି କାମରେ ଏକ ବାଇକ (ଓଅ।ର-୧୫-ଏସ-୬୧୯୭)ଯୋଗେ ଫୁଲବାଣୀକୁ ଆସି ସେମାନଙ୍କ କାମ ସାରି ଫୁଲବାଣୀରୁ କଇଁଝରକୁ ଫେରିବା ବେଳକୁ ଆଜି ଅପରାହ୍ନ ପ୍ରାୟ ୧ଟା ବେଳେ ଫୁଲବାଣୀ ସଦରଥାନା ତିଲକପଡା ନିକଟରେ ସେମାନଙ୍କର ଏକ ବାଲି ବୋଝେଇ ଟ୍ରାକ୍ଟର ସହିତ ମୁହାମୁହିଁ ହୋଇଥିଲା । ଫଳରେ ଘଟଣା ସ୍ଥଳରେ ହିଁ ଶ୍ୟାମଘନଙ୍କର ମୃତ୍ୟୁ ଘଟିଥିଲା ଏବଂ ବାଇକ ଚାଳକ ପୁଅ ସୁଧିର ଗୁରୁତର ଭାବରେ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବାପରେ ଘଟଣା ସ୍ଥଳରେ ପୋଲିସ ଏବଂ ଅଗ୍ନିଶମ ବାହୀନି ପହଂଚି ଆହତଙ୍କୁ ଉଦ୍ଧାର କରି ତାଙ୍କୁ ଫୁଲବାଣୀ ଡାକ୍ତରଖାନାକୁ ନେଇ ଭର୍ତି କରାଇଥିଲେ । ସଦରଥାନା ଏସ.ଆଇ ଜୁଗଳ କିଶୋର ନାୟକ ଘଟଣା ସ୍ଥଳରେ ପହଂଚି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି ।

# ଛଟେଇ କମ୍ପ୍ୟୁଟର ଶିକ୍ଷକମାନଙ୍କୁ ପୁନଃ ନିଯୁକ୍ତି ଦାବିରେ ଆଇସିଟି ବିଦ୍ୟାଳୟ ସଂଯୋଜକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

ବାରିପଦା: ୯ ରାଜ୍ୟ ସଂଘର ଆହ୍ୱାନ କ୍ରମେ ମୟୂରଭଞ୍ଜ ଜିଲାର ହାଇସ୍କୁଲ କମ୍ପ୍ୟୁଟର(ଆଇସିଟି) ସଂଯୋଜକ ସଂଘ ପକ୍ଷରୁ ଜିଲ୍ଲା ସଂଘର ସଭାପତି ଶାନ୍ତନୁ କୁମାର କୋଇଲାଙ୍କ ନେତୃତ୍ୱରେ ଉପ-ସଭାପତି ରିତେଶ କୁମାର ନନ୍ଦ ଓ ପ୍ରଦୀପ୍ତ ମହାନ୍ତ, ସମ୍ପାଦକ ସୁବ୍ରତ କୁମାର ସାହୁ, ସହ ସମ୍ପାଦକ ଚନ୍ଦନ କୁମାର ସାହୁ ଓ ନଳିନୀ କୁମାର ମହାନ୍ତ, କାର୍ଯ୍ୟକାରୀ ସଭାପତି ଗଣେଶ୍ୱର ନାୟକ ଓ ଲତାମଙ୍ଗେସକର ନାୟକ, କୋଷାଧ୍ୟକ୍ଷ ଭାଗ୍ୟଶ୍ରୀ ଦାଶ, ଚିତରଞ୍ଜନ ଭୂୟାଁ, ପ୍ରବୋଧ ପଣ୍ଡା, ପ୍ରଦୀପ ମହାନ୍ତ, ପୁରୁଷତୋମ ନାୟକ, ନିହାର ରଞ୍ଜନ ମହାନ୍ତ, ଶୁଭ୍ରାଂଶୁ ବେହେରା, ଆଶିଷ କୁମାର ଦାସ, ମୀନାକ୍ଷି ବେହେରା, ଦେବସ୍ମିତା ମହାନ୍ତ ଓ ମଧୁସୂଦନ ମହାନ୍ତଙ୍କ ସମତେ ସମସ୍ତ ସଂଯୋଜିକ ଓ ସଂଯୋଜିକା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଛଟେଇ ହୋଇଥିବା କମ୍ପ୍ୟୁଟର ଶିକ୍ଷକମାନଙ୍କୁ ପୁନଃନିଯୁକ୍ତି ଦାବିରେ ମୟୂରଭଞ୍ଜ ଜିଲ୍‌ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସାଙ୍ଗକୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ଓ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବୀପତ୍ର ପ୍ରଦାନ କରିଥିଲେ । ଏଥି ସହିତ ଦାବି ପୂରଣ ନହେଲେ ଆସନ୍ତା ଅଗଷ୍ଟରେ ଭୁବନେଶ୍ୱରସ୍ଥିତ ଓସେପା କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ, ଘେରାଓ ଏପରିକି ଆତ୍ମାହୁତି ଦେବାର ଚେତାବନୀ ମଧ୍ୟ ଦେଇଛନ୍ତି । ସୂଚନା ଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲାରେ ୨୭୩ଟି ସରକାରୀ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ କମ୍ପ୍ୟୁଟର ଶିକ୍ଷା ବର୍ତମାନ ବନ୍ଦ ହୋଇପଡ଼ିଛି । ସମଗ୍ର ରାଜ୍ୟରେ ହାଇସ୍କୁଲ ମାନଙ୍କରେ କମ୍ପ୍ୟୁଟର ଶିକ୍ଷା ପ୍ରଦାନ ପାଇଁ ଶିକ୍ଷା ବିଭାଗ ୨୦୧୪ ଅପ୍ରେଲରେ ଓକେସିଏଲ ନାମକ ଏକ ସଂସ୍ଥାର ପରିଚାଳନାରେ ରାମସା କମ୍ପ୍ୟୁଟର ଜ୍ଞାନ କୌଶଳ ଓ ପରିଚାଳନା ତାଲିମପ୍ରାପ୍ତ ସଂଯୋଜକ/ ସଂଯୋଜିକାଙ୍କୁ ନିଯୁକ୍ତି ଦେଇଥିଲା । କମ୍ପ୍ୟୁଟର ଓ ଅନ୍ୟ ଯନ୍ତ୍ରାଂଶ ଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ଉକ୍ତ ସଂସ୍ଥା ହାତରେ ନ୍ୟସ୍ତ କରାଯାଇଥିଲା । ୮ମରୁ ୧୦ମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟେକ ସପ୍ତାହରେ ୩ଦିନ କମ୍ପ୍ୟୁଟର ଶିକ୍ଷାଦାନ ସହିତ ନିଯୁକ୍ତ ସଂଯୋଜକ/ ସଂଯୋଜିକା ସ୍କୁଲର ସମସ୍ତ ଇ-କାର୍ଯ୍ୟକ୍ରମ ପରିଚାଳନା କରୁଥିଲେ । ମୟୂରଭଞ୍ଜ ଜିଲାର ୨୬ଟି ବ୍ଲକରେ ୪ଟି ପର୍ଯ୍ୟାୟରେ ମୋଟ ୨୭୩ଗୋଟି ସ୍କୁଲରେ ଏହି ଶିକ୍ଷାଦାନ ଆରମ୍ଭ ହୋଇଥିଲା । ଏବାବଦରେ ପ୍ରତ୍ୟେକ ବିଦ୍ୟାଳୟ ପିଛା ୨୦ଲକ୍ଷ ଟଙ୍କା ଖର୍ଚ୍ଚରେ ଏକ ସ୍ୱତନ୍ତ୍ର ଆଇସିଟି ଲ୍ୟାବରେ ପିଲାମାନେ କମ୍ପ୍ୟୁଟର ଶିକ୍ଷା ପାଉଥିଲେ । ତେବେ ସଂଯୋଜକ/ ସଂଯୋଜିକାଙ୍କ ଚୁକ୍ତିନାମା ଅବଧି ୫ବର୍ଷ ଅତିକ୍ରାନ୍ତ ହେବା ନିଯୁକ୍ତି ପ୍ରାପ୍ତ କମ୍ପ୍ୟୁଟର ସଂଯୋଜକମାନଙ୍କୁ କାର୍ଯ୍ୟରୁ ଛଟେଇ କରିଦିଆଯାଇଥିଲା । ଯାହାଫଳରେ ହାଇସ୍କୁଲ ମାନଙ୍କରେ ଏହି ଶିକ୍ଷା ବାଧାପ୍ରାପ୍ତ ହୋଇଛି । ଏଥି ସହିତ ଛଟେଇ ସଂଯୋଜକ/ ସଂଯୋଜିକା ବର୍ତମାନ ନିୟମିତ ଚାକିରୀ ପାଇଁ ଆନ୍ଦୋଳନ ଚଳାଇଛନ୍ତି । କମ୍ପ୍ୟୁଟର ଶିକ୍ଷା ପାଇଁ ଓକେସିଏଲର ଚୁକ୍ତି ଅନୁଯାୟୀ ସଂଯୋଜକ/ ସଂଯୋଜିକା ୫ବର୍ଷ ପରେ କାର୍ଯ୍ୟରୁ ନିବୃତ ଅଛନ୍ତି । ତେବେ ଆଇସିଟି ଲ୍ୟାବଗୁଡ଼ିକୁ ସମ୍ପୃକ୍ତ ସ୍କୁଲମାନଙ୍କୁ ହସ୍ତାନ୍ତର କରାଯାଇଛି । ତାଲିମ ପାଇଥିବା ଶିକ୍ଷକ ପିଲାମାନଙ୍କୁ କମ୍ପ୍ୟୁଟର ପାଠ ପଢ଼ାଇବା ବଦଳରେ ଦାୟିତ୍ୱରେ ରହିଥିବା ଶିକ୍ଷକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ ଦେବା ବଦଳରେ ଏଥିରୁ ନିଜକୁ ଦୂରେଇ ରଖୁଥିବାରୁ ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର ଏବଂ ବିଭିନ୍ନ ଉପକରଣ ଲ୍ୟାବରେ ପଡ଼ି ଖତ ଖାଉଥିବା ବେଳେ ଛାତ୍ରଛାତ୍ରୀମାନେ କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ବର୍ତମାନ କରୋନା ସମୟରେ ୟୁଟ୍ୟୁବ ଶିକ୍ଷାକୁ ସରକାର ଗୁରୁତ୍ୱ ଦେଉଥିବା ବେଳେ କମ୍ପ୍ୟୁଟର ଶିକ୍ଷା ବନ୍ଦ ରହିବା ତର୍ଜମାର ବିଷୟ । ଏନେଇ ରାଜ୍ୟ ସଂଘ ମେ ୧୦ରେ ଉଚ୍ଚନ୍ୟାୟାଳୟର ଆଶ୍ରୟ ନେବା ପରେ ନ୍ୟାଳୟ ପକ୍ଷରୁ ଗତ ଜୁନ ୮ରେ ୩ମାସ ମଧ୍ୟରେ ଆବେଦନକାରୀଙ୍କ ଆବେଦନକୁ ବିଚାର କରି ଆଇନ ପରିସର ମଧ୍ୟରେ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ ପାଇଁ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏହା ମଧ୍ୟରେ ଏକମାସ ଅତିକ୍ରାନ୍ତ ହୋଇସାରିଥିଲେ ମଧ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନିଯିବାରୁ ଆଇସିଟି ସଂଘ ଆନ୍ଦୋଳନକୁ ଓହ୍ଲାଇ ଆସିବାକୁ ବାଧ ହୋଇଛନ୍ତି ବୋଲି ସଭାପତି ଶ୍ରୀକୋଇଲା ପ୍ରକାଶ କରିଛନ୍ତି ॥

## ଫୁଲବାଣୀରେ ଭାରତୀୟ ବିଦ୍ୟାର୍ଥି କନ୍ଧମାଳ ପକ୍ଷରୁ ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ପାଳିତ

କନ୍ଧମାଳ: କନ୍ଧମାଳ ଜିଲ୍ଲାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଫୁଲବାଣୀ ପରିସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କନ୍ଧମାଳ ଶାଖା ଫୁଲବାଣୀ ନଗର ତରଫରୁ ଏବିଭିପିର ୭୩ ତମ ପ୍ରତିଷ୍ଠା ଦିବସ ଏବଂ ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏବିଭିପି ଜିଲ୍ଲା ପ୍ରମୁଖ ଶିବାଶିଷ ପଣ୍ଡାଙ୍କ ଆୟୋଜନରେ ସଂଯୋଜକ ଦିବ୍ୟ ରଞ୍ଜନ ଡାକୁଆଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସର୍ବ ପ୍ରଥମେ ପତାକା ଉତୋଳନ ହେବା ପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବିଶ୍ୱ ବିଦ୍ୟାଳୟ ପ୍ରମୁଖ ଶଶିକାନ୍ତ ମିଶ୍ର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲ୍ଲା ସଂଘଚାଳକ ରମେଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ ।

## ରେଳବାଇ ନିରାପତା ଆୟୁକ୍ତଙ୍କ ଦ୍ୱାରା ବେଲସୋଣ୍ଡା-ଆରଙ୍ଗ ମହାନଦୀ ସେକ୍ସନର ଦୋହରୀକରଣ ଓ ବିଦ୍ୟୁତୀକରଣ କାର୍ଯ୍ୟ ନିରୀକ୍ଷଣ କରାଯାଇଅଛି

ସମ୍ବଲପୁର: ଦକ୍ଷିଣପୂର୍ବ ସର୍କେଲ, କଲିକତାର ରେଳବାଇ ନିରାପତା ଆୟୁକ୍ତ, ଏସ.ମିତ୍ର ସମ୍ବଲପୁର ରେଳ ମଣ୍ଡଳର ଟିଟିଲାଗଡ଼-ଆରଙ୍ଗ ମହାନଦୀ ସେକ୍ସନର ବେଲସୋଣ୍ଡା-ଆରଙ୍ଗ ମହାନଦୀ ଷ୍ଟେସନ ମଧ୍ୟରେ ଦୋହରୀକରଣ ଓ ବିଦ୍ୟୁତୀକରଣ କାର୍ଯ୍ୟକୁ ୮ ଜୁଲାଇ ୨୦୨୧ରେ ନୀରିକ୍ଷଣ କରିଛନ୍ତି । ନୀରିକ୍ଷଣ ସମୟରେ ଶ୍ରୀ ମିତ୍ର ନିରାପତା ଭିତିକ କାର୍ଯ୍ୟଗୁଡ଼ିକ ଯଥା ଓଭର ହେଡ଼ ଉପକରଣ, ପୋଲ, ମାନବଯୁକ୍ତ ରେଳବାଇ ଫାଟକ, ସଂକେତ ଓ ଦୂର ସଂଚାର ଉପକରଣ, ରେଳଧାରଣା ଆଦି ସହିତ ସ୍ପିଡ଼ ଟ୍ରାଏଲ ମଧ୍ୟ କରିଥିଲେ । ଉପରୋକ୍ତ ସେକ୍ସନର ଦୋହରୀକରଣ ଓ ବିଦ୍ୟୁତୀକରଣ କାର୍ଯ୍ୟ ପରେ ଟ୍ରେନ ପରିଚାଳନା ସୁଗମ ହୋଇପାରିବ । ମଣ୍ଡଳ ରେଳ ପ୍ରବନ୍ଧକ, ପ୍ରଦୀପ କୁମାର, ପ୍ରମୁଖ ମୁଖ୍ୟ ଯନ୍ତ୍ରୀ ଏନ.ଏସ. ୟୁକେ, ଏକଜିକ୍ୟୁଟିଭ ଡାଇରେକ୍ଟର ଆର.ଭି.ଏନ.ଏଲ ସରୋଜ କାନ୍ତ ପାତ୍ର, ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ, ଆର.ଭି.ଏନ.ଏଲ. ଉବେଶ ପାଣ୍ଡେ, ମହା ପ୍ରବନ୍ଧକ (ବିଦ୍ୟୁତ୍) ଆର.ଭି.ଏନ.ଏଲ ଏସ.କେ. ପୁରୋହିତ, ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସମନ୍ୱୟ) ଜୟନ୍ତ କୁମାର ଖମାରୀଙ୍କ ସହିତ ପୂର୍ବତଟ ରେଳପଥ ମୁଖ୍ୟାଳୟର ଓ ସମ୍ବଲପୁର ମଣ୍ଡଳର ବରିଷ୍ଠ ଅଧିକାରୀମାନେ ନିରୀକ୍ଷଣ ସମୟରେ ଉପସ୍ଥିତ ଥିଲେ ।

## ଗଞ୍ଜେଇ ଭର୍ତ୍ତି କାର ଜବତ, ଦୁଇ ଗିରଫ

ଖୋର୍ଦ୍ଧା: ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଦୁଇ ଜଣ ବେପାରୀଙ୍କୁ ଗିରଫ କରିଛି ।ଗିରଫ ବ୍ୟକ୍ତିଙ୍କ ଠାରୁ ୩୬.୫୦୦କେଜି ଗଞ୍ଜେଇ ଜବତ କରିଛି । ଜବତ ଗଞ୍ଜେଇ ର ବଜାର ଦର ୨ଲକ୍ଷ ଟଙ୍କା ହେବ ।ତେବେ ଗଞ୍ଜେଇ ଚୋରା ଚାଲାଣରେ ବ୍ୟବହୃତ ଏକ କାରକୁ ଜବତ କରିଛି ।ତେବେ ଗିରଫ ଅଭିଯୁକ୍ତ ଦୁଇ ଜଣ ହେଲେ କନ୍ଧମାଳ ଜିଲା ସଦର ଥାନା ଅନ୍ତର୍ଗତ ବୋଇଦା ଗାଁ ର ଦିଲୀପ କୁମାର ଦିଗଲ(୨୫) ଓ ସେହି ଜିଲା ଟ୍ରାସେପଦର ଗାଁ ର ମିଥୁନ ଦିଗଲ(୨୦)। ହେଲେ ଗତକାଲି ସନ୍ଧ୍ୟାରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଏକ ବିଶେଷ ସୂତ୍ରରୁ ଖବର ପାଇ ଶିଙ୍ଗାଂଚଳ ଥାନା ଅନ୍ତର୍ଗତ ମୁକୁନ୍ଦପ୍ରସାଦ ଫ୍ରଫୁଲ ପ୍ୟାଲେସ ସମ୍ମୁଖରେ ପହଂଚି ଚୋରା ଚାଲାଣ ହେଉଥିବା ଗଞ୍ଜେଇ ଭର୍ତି ଗାଡିକୁ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛି ।

# ବାଲକାଟି ଦଳିତ ପରିବାରକୁ ଭେଟିଲେ ଏଆଇସିସି ସଭ୍ୟ



କେନ୍ଦ୍ରାପଡ଼ା : ଆଳି ବ୍ଲକ ବାଲକାଟି ଗ୍ରାମର ଆକ୍ରମଣରେ ଆହାତ ହୋଇଥିବା ଦଳିତ ପରିବାରକୁ ଶୁକ୍ରବାର ଭେଟିଛନ୍ତି ଅଖିଳ ଭାରତ କଂଗ୍ରେସ କମିଟି ସଭ୍ୟ ତଥା ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଯୁବ ପରିଷଦର ସଭାପତି ହଳଧର ସେଠୀ । ପରିବାରର ସୁରକ୍ଷା ପାଇଁ ସେ ଏସ.ସି.ଏସ.ଟି. ଉନ୍ନୟନ ସଚିବ, ପୁଲିସ ମହାନିର୍ଦ୍ଦେଶକ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ,ନୂଆଦିଲ୍ଲୀ ସ୍ଥିତ ଏନ.ସି.ଏସ.ସି. ନିର୍ଦ୍ଦେଶକ ଚିଠି ଲେଖିଛନ୍ତି । ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚିଠିରେ ଉଲ୍ଲେଖ କରିଛନ୍ତି । ସେହିପରି ଶ୍ରୀ ସେଠୀ ଘଟଣାସ୍ଥଳରୁ ଜିଲା ପୋଲିସ ମୁଖ୍ୟାଳୟର ଡିଏସପି କାର୍ତ୍ତିକ ମଲ୍ଲିକ, ଆଳି ଥାନା ଅଧିକାରୀ ସଲିଲ ପ୍ରଧାନଙ୍କୁ ଫୋନକରି ଆକ୍ରମଣର ଶିକାର ପରିବାର ବର୍ଗଙ୍କ ସୁରକ୍ଷା ପାଇଁ ନିବେଦନ କରିଥିଲେ । ତାଙ୍କ ଫୋନ ପାଇବା ପରେ ୨ ପୋଲିସ ଅଧିକାରୀ ପ୍ରତିଶୃତି ଦେଇଥିଲେ ଯେ ଆଜିଠାରୁ ଉକ୍ତ ପରିବାରକୁ ସୁରକ୍ଷା ଯୋଗାଇ ଦିଆଯିବ । ସୂଚନା ଥାଉକି ଗତ ୧ ତାରିଖରେ ନବ କିଶୋର ମଳିକଙ୍କ ପରିବାର ସଦସ୍ୟଙ୍କ ଉପରେ ସଙ୍ଘବଦ୍ଧ ଆକ୍ରମଣ ହୋଇଥିଲା । ଆକ୍ରମଣର କାରଣ ଥିଲା ନବ କିଶୋରଙ୍କ ପୁଅ ବାଲକାଟି ପଞ୍ଚାୟତରେ ହୋଇଥିବା ବିଭିନ୍ନ ଦୁର୍ନୀତି ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଥିଲେ । ଏଥିରେ ଉତକ୍ଷୀପ୍ତ ହୋଇ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ତାଙ୍କ ପରିବାର ଉପରେ ଆକ୍ରମଣ କରିଥିଲେ । ଆକ୍ରମଣର ଶିକାର ପରିବାର ସଦସ୍ୟମାନେ ଥାନାକୁ ଅଭିଯୋଗ କରିବାକୁ ଯିବାକୁ ଚାହିଁଥିବା ବେଳେ ଅଭିଯୁକ୍ତମାନେ ପଥ ଅବରୋଧ କରିଥିଲେ । ବହୁ କଷ୍ଟରେ ସେମାନେ ଗାଁ ଛାଡି ରାଜକନିକା ସ୍ଥିତ ବଇଁଭଣ୍ଡା ଗ୍ରାମରେ ନିଜ ଝିଅ ଘରେ ଆଶ୍ରୟ ନେଇଛନ୍ତି । ଅଦ୍ୟାବଧି ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇନାହିଁ ବୋଲି ଶ୍ରୀ ସେଠୀ କ୍ଷୋଭ ପ୍ରକାଶ କରିଛନ୍ତି । ପୁଲିସର ଖାମ ଖିଆଲି ମନୋଭାବ ପାଇଁ ଏହିଭଳି ଘଟଣା ବାରମ୍ବାର ଘଟୁଛି ବୋଲି ଶ୍ରୀ ସେଠୀ କହିଛନ୍ତି । ଶ୍ରୀ ସେଠୀଙ୍କ ସହିତ କଂଗ୍ରେସ ନେତା ଭାଗିରଥୀ ଜେନା, ଉମେଶ ସ୍ୱାଇଁ, ବିଧୁଭୂଷଣ ମହାପାତ୍ର, ଦିଲ୍ଲିପ ମଲ୍ଲିକ ଓ ସଞ୍ଜୟ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।




# ଜଙ୍ଗଲ ସୁରକ୍ଷା-ଜୀବନ ରକ୍ଷା



**ଅକ୍ଷୟ କୁମାର ରାଉତ**

ଈଶ୍ୱର ଙ୍କ ସୃଷ୍ଟି ସୁନ୍ଦର ପ୍ରକୃତି , ତାର ପଚଂଭୂତ ,ଜଳ ,ସ୍ଥଳ, ବାୟୁ , ପ୍ରାଣୀ ,ଉଦ୍ଭିଦ ଜଗତ ଆଦିଙ୍କ ସମଷ୍ଟିରେ ଆମର ପରିବେଶ । କେତେ ବେଳେ ଗ୍ରୀଷ୍ମର ରୌଦ୍ର ପଚଣ୍ଡତା ତ ମେଘର ମନ୍ଦ୍ରଧ୍ୱନି , ଶରତ ର ଶୁଭ୍ର ଶୋଭାତ ତ ହେମନ୍ତ ର କାକର , ଶୀତର ଶୀତଳତା ଓ ରିତୁରାଜ ବସନ୍ତ ର ମଳୟ ପବନ ବହି ଆଣେ କୋଇଲିର କୁହୁକୁହୁ ତାନ , ଷଡ଼ରିତୁ ଲୀଳା ରେ ପ୍ରକୃତି ର ଜୟଗାନ । ପ୍ରାକୃତିକ ସୁଷମା ର ଦିଗନ୍ତବିସ୍ତାରୀ ଶସ୍ୟକ୍ଷେତ୍ର , ତରଙ୍ଗ ଶୋଭିତ ନଦୀ ସକଳ , ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବୀ ପର୍ବତମାଳା , ହଂସ କାରଣ୍ଡକ ଆଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର , ଆମ୍ର , ନାରୀକେଳ ପଣସାଦି ବୃକ୍ଷ ପରିପୂର୍ଣ୍ଣ ମାଳ ମାଳ ତୋଟା , ଖର୍ଜୁରୀ ଆଦି ବୃକ୍ଷ ଶୋଭିତ ପଥପାର୍ଶ୍ୱ , ଘନସନିବିଷ୍ଟ ତୃଣରାଜି ଓ ସବୁଜ ଦ୍ରୁମଲତା ପରିଶୋଭିତ ପ୍ରକୃତି ର ଏକ ନୟନାଭିରାମ ଦୃଶ୍ୟ । ମାତ୍ର ଜନ ସଂଖ୍ୟାର ଅଭିବୃଦ୍ଧି , କଳକାରଖାନା ମାନଙ୍କ ର ଅବିଶ୍ୱାସନୀୟ ପ୍ରଗତି ଫଳରେ ଆମର ଏଇ ସୁନ୍ଦର ପ୍ରାକୃତିକ ପରିବେଶ ଆଜି ବିପର୍ଯ୍ୟୟ ଶିଳ୍ପ ସଂସ୍ଥା ମାନଙ୍କ ଦ୍ୱାରା ମାଟି , ବାୟୁ ,ଜଳ ,ଶବ୍ଦ ପ୍ରଦୂଷଣ ସାଧାରଣ ଜୀବନ ପ୍ରଣାଳୀରେ ଅନେକ ସମସ୍ୟା ସୃଷ୍ଟି କରିଛି । ସେଥିପାଇଁ ଆଜିର ଜୀବ ଜଗତ .ମନୁଷ୍ୟ ଅନେକ ମହାମାରୀ ଓ ମାରାତ୍ମକ ରୋଗର ଶିକାର ହେଉଛି । ମନୁଷ୍ୟ ର ଉଗ୍ର ଆଧୁନିକବାଦ ଓ ବେପରୁଆ ଆଣବିକ ବିସ୍ଫୋରଣ ପ୍ରକୃତି ର ସୌନ୍ଦର୍ଯ୍ୟ ନଷ୍ଟ ଓ ଜଙ୍ଗଲ ର ଧ୍ୱଂସ । ଏହି ଅବକ୍ଷୟ ପ୍ରକୃତି କୁ ରକ୍ଷା ପାଇଁ ପୂର୍ବ ଯୁଗରେ ପଚଂଭୂତ ର ପୂଜା ସଙ୍ଗେ ସଙ୍ଗେ ରାଜା ମହାରାଜା ମାନେ ଅଭୟା ଅରଣ୍ୟ କରୁଥିଲେ । ଆଦିମ ମଣିଷ ତାର ବୃକ୍ଷ ପୂଜା କୁ ଆମ ସଂସ୍କୃତି ର ମହାନ ଅଙ୍ଗ ରୂପେ ଧରି ନେଇଥିଲା । ପ୍ରଳୟ ସମୟରେ ଶୁକ୍ଳାମ୍ବର ବିଷ୍ଣୁ ବଟପୁଟ ଉପରେ ଶୟନ କରିଥୁଲେ । ସେଥିପାଇଁ ବଟବୃକ୍ଷ କୁ ଆଦ୍ୟ ବୃକ୍ଷ ବୋଲି କୁହାଯାଏ । ହରିବଂଶ ପୁରାଣରେ ଅଚ୍ୟୁତାନନ୍ଦ ବୃକ୍ଷ ପୂଜା ର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତ । ମାହାପୁରୁଷ ଅଚ୍ୟୁତାନନ୍ଦ ଅକ୍ଷୟବଟ ମୂଳରେ ସିଦ୍ଧି ଓ ଶୂନ୍ୟ ସମାଧି ନେଇଛନ୍ତ । ଅଶ୍ୱତ୍ ବୃକ୍ଷ ମୂଳରେ ବୁଦ୍ଧଦେବ ଦିବ୍ୟଜ୍ଞାନ ଲାଭ କରିଥିଲେ । ପ୍ରତ୍ୟେକ ଜୈନ ତୀର୍ଥଙ୍କର ଗୋଟିଏ ଲେଖାଏଁ ଦିବ୍ୟତରୁ ମୂଳରେ ତପସ୍ୟାରତ ହୋଇ ଜ୍ଞାନ ପ୍ରାପ୍ତ ହୋଇଥିଲେ । ଜୈନ ଶାସ୍ତ୍ର ମତରେ ବଟ, ସପ୍ତପର୍ଣ୍ଣ ,ଶାଳ , ପ୍ରିୟଙ୍ଗୁ ,ଶିରିଷ , ନାଗକେଶର . ତମ୍ବୁର , ପାଟଳିକ ,ଜାମୁ ଅଶ୍ୱତଥ , ଦଧିପର୍ଣ୍ଣ , ନନ୍ଦୀବୃକ୍ଷ , ତୀଳକ ତରୁ ,ଚୂତ , ଅଶୋକ , ଚମ୍ପକ , ବକୁଳ ଆଦି ବୃକ୍ଷକୁ ବିଭିନ୍ନ ଜୈନ ତୀର୍ଥଙ୍କର ସହିତ ଅବତାରଣା କରା ଯାଇଛି । ଉଦୟଗିରି ଓ ଖଣ୍ଡଗିରିରେ ବୃକ୍ଷ ପୂଜାର ପାରମ୍ପରା ବର୍ଣ୍ଣନା କରାଯାଇଛି । ନବକଳେବରରେ ନିମ୍ବବୃକ୍ଷ ରୁ ଦାରୁ ଦେବତା ଓ ଦେବୀ ଦୁର୍ଗା ପୂଜାରେ ନବପତ୍ରିକା ପ୍ରଚଳନ ବୃକ୍ଷ ପୂଜା କୁ ଆହୁରୀ ରୁଦ୍ଧିମନ୍ତ କରିଥାଏ , ତୁଳସୀ ହେଉ କି ଚନ୍ଦନ ହେଉ କି କଳସୀ ପୂଜାର ପଚଂପଲ୍ଲବ କି ଖମ୍ବେଶ୍ୱରୀ ଦେବୀ ପୂଜା ହେଉ କି ସବୁତ ବୃକ୍ଷ । ପ୍ରତି ବୃକ୍ଷଲତା ଗୋଟିଏ ଗୋଟିଏ ଦେବତା ଙ୍କର ପ୍ରତିନିଧି ରୂପେ ପୂଜା ପାଇଥାଆନ୍ତି । ଇନ୍ଦ୍ର ଦେବତାଙ୍କ ର ଖାଣ୍ଡବବନ , ରାବଣର ଅଶୋକ ବାଟିକା , ବାଳିର ମଧୁବନ, ଶ୍ରୀକୃଷ୍ଣଙ୍କର ଗିରିଗୋବର୍ଦ୍ଧନ ପୂଜା ସବୁ ତ ବନ ମହୋତ୍ସବ । ତେଣୁ ସାରା ଦେଶରେ ସରକାର ୧୯୫୦ ମସିହା ଠାରୁ ପ୍ରତି ଜୁଲାଇ ୧ ତାରିଖ ରୁ ୭ ତାରିଖ ପ୍ରର୍ଯ୍ୟନ୍ତ ବନ ମହୋତ୍ସବ ପାଳନ କରି ଆସୁଛନ୍ତ । ଆମ ପରିବେଶ ଓ ପ୍ରାଣୀ ଜଗତ କୁ ସୁସ୍ଥ ନିରାମୟ ରଖିବାରି ବୃକ୍ଷଲତା ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଜଳଚକ୍ରର ପ୍ରମୁଖ ଭୂମିକା ଗ୍ରହଣ କରନ୍ତ ଆମ ଚତୁଃପାର୍ଶ୍ୱରେ ଥିବା ବୃକ୍ଷ ଲତା ମାନେ । ଆକଶରୁ ମେଘକୁ ବର୍ଷା କରାଇବାରେ ଏବଂ ପ୍ରାଣୀଜଗତ ପାଇଁ ବିରଳ ଔଷଧ ପ୍ରସ୍ତୁତ କରିବାରେ ବୃକ୍ଷଲତା ମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ । ତେଣୁ ବୃକ୍ଷ ଆଦିମକାଳରୁ ମଣିଷର ପରମମିତ୍ର । ଆଗକାଳେ ଯିଏ ଘର ଟି କରୁଥିଲା ସେ ପ୍ରଥମେ ଶୁଭବୃକ୍ଷ ତୁଳସି , ଗୁଆ ,କଦଳୀ , ବେଲ ,ନଡ଼ିଆ ଆଦି ବୃକ୍ଷ ଲଗାଉଥିଲା । ଘରର ଅନତି ଦୂରରେ ବଜ୍ରପାତ ରୁ ରକ୍ଷା ପାଇଁ ତାଳଗଛ ଲଗା ଯାଉଥିଲା । ଗ୍ରହଦୋଷ ନିବାରଣ ନିମନ୍ତେ ବିଭିନ୍ନ ବୃକ୍ଷ ର ସାହାଯ୍ୟ ଆଦିମ ଅଧିବାସି ମାନେ ନେଉଥିଲେ । କିନ୍ତୁ ବର୍ତମାନ ପରିବେଷ ଅସନ୍ତୁଳନ ରେ ମାନବଜାତି ଅତିଷ୍ଠ ହୋଇ ପଡ଼ିଛି । ବଣଜଙ୍ଗଲ ଘେରା ଦେଶ ଆଜି ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଆମ କେନ୍ଦ୍ର ଓ ରାଜ୍ୟ ସରକାର ବନ ମାନଙ୍କର ସୁରକ୍ଷା ନିମନ୍ତେ ଅନେକ ପଦକ୍ଷେପ ହାତକୁ ନେଇଛନ୍ତ । ବୃକ୍ଷଲତା ମାନଙ୍କ ର ଉଚ୍ଚିତ୍ ଦେଖାଶୁଣା ତଥା ରକ୍ଷଣବେକ୍ଷଣ ନିମନ୍ତେ ଏହି ବନଦିବସ ବା ବନ ମହୋତ୍ସବ ସର୍ବତ୍ର ପାଳନ କରା ଯାଉଛି । ବୃକ୍ଷକଟା ଓ ଜୀବଜନ୍ତୁ ଶିକାର ଉପରେ ସରକାରି କଟକଣା ରହିଛି । ସରକାରଙ୍କ ସାମାଜିକ ବନ ଯୋଜନା ଏକ ମହତ୍ୱପୂର୍ଣ୍ଣ ଯୋଜନା ଅଟେ । ଏହି ଯୋଜନା ପରିବେଶର ସୁରକ୍ଷା ସହିତ କିଛିଟା ବେକାରୀ ସମସ୍ୟା ଦୂର କରି ପାରୁଛି । ବନମହୋତ୍ସବ ସଫଳ ହେଲେ ସବୁଜ ସୁନ୍ଦର ଧରା ହସି ଉଠିବ । କଲେ ଆମେ ମିଶି ଜଙ୍ଗଲ ସୁରକ୍ଷା ଜୀବ ଜଗତ ସର୍ବେ ହୋଇବେ ରକ୍ଷା

ପାରାଦ୍ୱୀପ ଗଡ଼ , କୁଜଙ୍ଗ,
ଜଗତସିଂହପୁର,
ମୋ-୯୯୩୭୬୯୧୪୭୫

## ଶୌଚାଳୟ ଟାଙ୍କି ଲିକ୍, ଘଷିପୁରା ବସ୍‌ଷ୍ଟାଣ୍ଡରେ ଯାତ୍ରୀ ହଟହଟା

ଆନନ୍ଦପୁର (ପିଏନ୍): କେନ୍ଦୁଝର ଜିଲ୍ଲାର ବ୍ୟସ୍ତବହୁଳ ଘଷିପୁରା ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନେ ହଟହଟା ହେଉଥିବା ଦେଖିବାକୁ ମିଳିଛି । ଶୌଚାଳୟର ଟାଙ୍କି ଲିକ୍ ହେବା ଯୋଗୁଁ ଯାତ୍ରୀମାନେ ଦୁର୍ଗନ୍ଧମୟ ପରିବେଶରେ ଯାତାୟତ କରୁଛନ୍ତି । ବାରମ୍ବାର ଅଭିଯୋଗ ପରେ ମଧ୍ୟ ପୌର କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ବାରମ୍ବାର ଦାବି ପରେ ଆନନ୍ଦପୁର ମ୍ୟୁନିସିପାଲିଟି ପକ୍ଷରୁ ପ୍ରାୟ ୭ଲକ୍ଷ ଟଙ୍କା ବ୍ୟୟରେ ଏକ ଶୌଚାଳୟ ନିର୍ମାଣ କରାଯାଇଛି । ୨୦୧୯ ସ୍ୱାୟତ୍ତ ଶାସନ ଦିବସ ଅବସରରେ ବିଧାୟକ ଭାଗୀରଥି ସେଠୀ ଏହାର ଉଦ୍‌ଘାଟନ କରିଥିଲେ । ତେବେ ଶୌଚାଳୟ ଟାଙ୍କିରୁ ପାଣି ଲିକ୍ ହୋଇ ବସ୍‌ଷ୍ଟାଣ୍ଡ ସାରା ମାଡୁଛି । ନିର୍ମାଣରେ ତ୍ରୁଟି ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ପୌର କର୍ତ୍ତୃପକ୍ଷ ସଫେଇରେ ଅବହେଳା କରୁଥିବାରୁ ସମସ୍ୟା ବଢ଼ି ଚାଲିଛି । ଦୁର୍ଗନ୍ଧ ଯୋଗୁଁ ସ୍ଥାନୀୟ ଦୋକାନୀ ଓ ରାସ୍ତାରେ ଯାଉଥିବା ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶୌଚାଳୟ ପାଇଁ ଶହ ଶହ ଲୋକ ଅସୁବିଧାରେ ପଡୁଥିବା ବେଳେ ଏଥିପ୍ରତି କାହାର ନଜର ନାହିଁ । ଅଭିଯୋଗ ପାଇ ମ୍ୟୁନିସିପାଲଟି ପକ୍ଷରୁ ଆଜି ଟାଙ୍କି ବାହାରେ ଥିବା ପାଣିକୁ ସଫା କରାଯାଉଥିବା ବେଳେ ପୁଣି ୧ ଘଣ୍ଟାରେ ପାଣି ଜମିଥିବା ଲକ୍ଷ୍ୟ କରାଯାଇଥିଲା । ଏହାର ସ୍ଥାୟୀ ସମାଧାନ ପାଇଁ ଜନସାଧାରଣରେ ଦାବି କରାଯାଇଛି ।

## ଶୁଆକାଟୀ ସାପ୍ତାହିକ ହାଟରେ କୋଭିଡ୍-୧୯ ନିୟମ ଉଲଙ୍ଘନକାରୀଙ୍କ ଉପରେ ପ୍ରଶାସନର କାର୍ଯ୍ୟାନୁଷ୍ଠାନ

କେନ୍ଦୁଝର (ପିଏନ୍): ଗତ ୧୮ ତାରିଖ ରବିବାର ଦିନ ଶୁଆକାଟୀ ସାପ୍ତାହିକ ହାଟରେ ବାଂଶପାଳ ବିଡିଓ ଉଗ୍ରେସନ ଓରାମ ଓ ତହସିଲଦାର ସପନ କୁମାର ସାହୁଙ୍କ ମିଳିତ ନେତୃତ୍ୱରେ କୋରୋନା ସଂକ୍ରମଣର ଦ୍ୱିତୀୟ ଲହର ପରିପ୍ରେକ୍ଷୀରେ କୋଭିଡ୍-୧୯ ନିୟମ ଉଲଙ୍ଘନକାରୀ ଯଥା- ମାସ୍କ ନପିନ୍ଧିବା, ସାମାଜିକ ଦୂରତ୍ୱ ବଜାୟ ନରଖୁଥିବା ବ୍ୟବସାୟୀ, ଜନସାଧାରଣ ଏବଂ ଯାତ୍ରୀବାହୀ ଯାନଗୁଡ଼ିକୁ ଯାଂଚ କରାଯାଇଥିଲା । କେନ୍ଦୁଝର ସଦର ଥାନା ଆଇ.ଆଇ.ସି.ଙ୍କ ନିର୍ଦ୍ଦେଶକ୍ରମେ ଶୁଆକାଟୀ ଫାଣ୍ଡି ଅଧିକାରୀ ଶ୍ରୀ ତ୍ରିନାଥ ନାଏକ ଏବଂ ପୋଲିସ୍‌ବାହିନୀ ଏହି ଯାଂଚ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି ଯାଂଚ ସମୟରେ କୋଭିଡ୍-୧୯ ନିୟମ ଉଲଙ୍ଘନକାରୀ ବ୍ୟବସାୟୀ ଓ ଶୁଭମ ନାମକ ଏକ ଯାତ୍ରୀ ବାହୀ ବସ୍‌ଠାରୁ ସର୍ବମୋଟ ଟ.୯୫୦୦/-ଙ୍କା ଜରିମାନା ଆଦାୟ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଶୁଆକାଟୀ ସରପଂଚ ଶ୍ରୀମତୀ ତାରାମଣି ନାଏକ, ନିର୍ବାହୀ ଅଧିକାରୀ ଶ୍ରୀ ଭବାନୀ ପ୍ରସାଦ ନନ୍ଦ ପ୍ରମୁଖ ଏହି ଯାଂଚ ସମୟରେ ସହଯୋଗ କରିଥିଲେ ।

## ବାତୋ ପଞ୍ଚାୟତରେ ଉପନିର୍ବାଚନ ସ୍ଥଗିତ

ଆନନ୍ଦପୁର (ପିଏନ୍): କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ରାଜ୍ୟ ନିର୍ବାଚନ କମିଶନ ସମସ୍ତ ପଂଚାୟତର ଉପନିର୍ବାଚନକୁ ସ୍ଥଗିତ ରଖିଛନ୍ତି । ଏହି କ୍ରମରେ ଘଷିପୁରା ବ୍ଲକ ବାତୋ ପଂଚାୟତର ସରପଂଚ ପଦବୀ ପାଇଁ ଆଗାମୀ ୨୮ତାରିଖରେ ହେବାକୁ ଥିବା ଉପନିର୍ବାଚନକୁ ସ୍ଥଗିତ ରଖାଯାଇଛି । ଏଥିନେଇ ବିଡିଓ ଅସିତ୍ କୁମାର ମହାନ୍ତି ସୂଚନା ଦେଇଛନ୍ତି । ଏପଟେ ସମସ୍ତ ପ୍ରାର୍ଥୀ ପ୍ରଚାରକୁ ଜୋରଦାର କରିଥିବା ବେଳେ ଏହି ଖବର ମିଳିବା ପରେ ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି । ସୂଚନାଯୋଗ୍ୟ ଯେ ସରପଂଚ କାହ୍ନୁଚରଣ ନାୟକଙ୍କ ନଭେମ୍ବର ୧୬ ତାରିଖରେ ପରଲୋକ ପରେ ଏଠାରେ ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ।

## ୧୦ବର୍ଷ ବୟସ କମାଇ ସରକାରୀ ସ୍କୁଲରେ ଶିକ୍ଷକତା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ାରେ ଗଣଶିକ୍ଷକ ନିଯୁକ୍ତିକୁ ନେଇ ବିବାଦ ଥମିବାର ନାହିଁ । କେତେବେଳେ ଆବଶ୍ୟକତା ଅନୁଯାଇ ଯୋଗ୍ୟତା ପୂରଣ ହେଉନଥିଲେ ବି ଚାକିରି ସ୍ଥାୟୀ କରିବାକୁ କାରସାଦି କରାଯାଉଛି ତ ପୁଣି କେବେ ଜାଲିଆତି ହେଉଛି । ବୟସକୁ କମାଇ ଜାଲ ସାର୍ଟିଫିକେଟ୍ ଦେଇ ଚାକିରି କରିଛନ୍ତି କେତେ । ଚାକିରି ସମୟରେ ବୟସ କମ୍ ପକାଇ କଂସାର ନୋଡାଳ ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନ ନିଯୁକ୍ତି ପାଇଥିବା ଜଣାପଡ଼ିବାରେ ଏବେ ସେସବୁର ଖୋଳତାଡ଼ ଆରମ୍ଭ ହୋଇଛି । ଏବାବଦରେ ଅଭିଯୋଗ ହେବା ପରେ ଶିକ୍ଷା ବିଭାଗରେ ତତ୍ପରତା ପ୍ରକାଶ ପାଇବା ସହ ତଦନ୍ତ ପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂ କହିଥିଲେ । ହେଲେ ପରବର୍ତୀ ସମୟରେ ତାଙ୍କର ସେହି ଦମ୍ଭୋକ୍ତି କୁଆଡ଼େ ମିଳେଇଯାଇଥିବା ଦେଖାଯାଇଛି । ଅଭିଯୋଗ ଆଧାରରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ ବି ତଦନ୍ତକୁ ଚାପିଦିଆଯାଇଛି । ବୟସ କମ୍ ଦର୍ଶାଇ ଚାକିରିକରିଥିବା ସଂପୃକ୍ତ ଶିକ୍ଷକଙ୍କର ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଦରମା ବନ୍ଦ କରାଯାଇଥିଲା । କିନ୍ତୁ ଏବେ ପୁଣି ସେହି ଶିକ୍ଷକ ଶ୍ରୀ ପ୍ରଧାନ ଦରମା ପାଉଥିବା ସୂଚନା ମିଳିଛି । ୧୦ବର୍ଷ ବୟସ କମାଇ, ତ୍ରୁଟିଯୁକ୍ତ ପ୍ରମାଣପତ୍ର ଦେଇ ଶିକ୍ଷକ ଚାକିରି ହାତେଇ ନେଇଥିଲେ ବି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି । ନିକଟରେ ଏମିତି ଏକ ମାମଲାକୁ ଚାପିଦେବାକୁ ବସିଥିବାବେଳେ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହେବାରୁ ବାଧହୋଇ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ହେଲେ ଏଥର ସେମିତି ହୋଇନଥିବାରୁ ଘଟଣାକୁ ଚାପିଦେଇ ପୁଣି ସମ୍ପୃକ୍ତ ଶିକ୍ଷକଙ୍କର ଦରମା ପ୍ରଦାନ ପାଇଁ ଅନୁମତି ମିଳିଛି । ଏହାପଛରେ ବଡ଼ଧରଣର କାରବାର ହୋଇଥିବାର ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଲାଣି । ଅଭିଯୋଗ ପରେ ସମ୍ପୃକ୍ତ ଶିକ୍ଷକଙ୍କର ପାଠପଢ଼ା ଓ ଜନ୍ମପ୍ରମାଣ ପତ୍ର ଦାଖଲ କରିବାକୁ କେନ୍ଦ୍ରାପଡ଼ାର ତତ୍କାଳୀନ ଭାରପ୍ରାପ୍ତ ବିଇଓ ସୁବାସ ଚନ୍ଦ୍ର ବିଶ୍ୱାଳ ନିର୍ଦ୍ଦେଶ ଦେଇଥିଲେ । ପ୍ରଥମରୁ ତୃତୀୟ, ଚତୁର୍ଥ ଓ ୫ମ, ଷଷ୍ଠ ଓ ସପ୍ତମ, ୮ମରୁ ୧୦ମ, ଯୁକ୍ତ ଦୁଇ ଓ ସିଟି ତାଲିମ ଗ୍ରହଣ କରିଥିବାର ପ୍ରମାଣପତ୍ର ୨୦୨୦ ମସିହା ସେପ୍ଟେମ୍ବର ମାସ ୧୫ ତାରିଖ ସୁଦ୍ଧା କାର୍ଯ୍ୟାଳୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ । ଅନ୍ୟଥା ଅଭିଯୋଗ ସଂକ୍ରାନ୍ତରେ ତଦନ୍ତ ପୂର୍ବକ ଚୂଡ଼ାନ୍ତ ନିଷ୍ପତି ପର୍ଯ୍ୟନ୍ତ ତାଙ୍କର ଦରମା ବନ୍ଦ କରାଯିବ ବୋଲି ନିର୍ଦେଶରେ ସ୍ପଷ୍ଟ ଭାବେ ଦର୍ଶାଯାଇଥିଲା । ହେଲେ ଚିଠିରେ ଚିଠିରେ ତଦନ୍ତ ସରିଗଲା । ସଂପୃକ୍ତ ଶିକ୍ଷକଙ୍କ ବାସ୍ତବ ବୟସ ପ୍ରାୟ ୫୮ବର୍ଷ ହୋଇଥିବାବେଳେ ସାର୍ଟିଫିକେଟରେ ୧୦ ବର୍ଷ କମ୍ କରି ଦର୍ଶାଯାଇଛି ଅର୍ଥାତ ତାଙ୍କୁ ଏବେ ୪୮ ବର୍ଷ ହୋଇଛି । ସର୍ଭିସ ବୁକ୍ ଖୋଲିବା ଲାଗି ଆବଶ୍ୟକ କାଗଜପତ୍ର ମଗାଇବାରୁ କିଛିମାସ ପୂର୍ବରୁ ଏଭଳି ଚଂଚକତା ସାମ୍ନାକୁ ଆସିଥିଲା । ଏତେସବୁ ଜାଲିଆତି ସତ୍ତ୍ୱେ ବି ବିଇଓଙ୍କ କାର୍ଯ୍ୟାଳୟର ଏକ ଗୋଷ୍ଠୀ ସମଗ୍ର ଘଟଣାକୁ ଚପାଇ ଦେଇଥିବାର ଦେଖାଯାଇଛି । ଗତ ୨୦୦୮ ମସିହା ଜୁଲାଇରେ ରାଜ୍ୟର ଅନ୍ୟ ଜିଲ୍ଲା ପରି କେନ୍ଦ୍ରାପଡ଼ା ଜିଲ୍ଲାର ମୋଟ ୬୪୫ଜଣ ପ୍ରାର୍ଥୀ ଗଣଶିକ୍ଷକ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ । ୮ବର୍ଷ ବ୍ୟବଧାନରେ ଚାକିରି ନିୟମିତ ହେବା ସହ ୫୪୧ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ପତ୍ର ମିଳିଥିଲା । ସେମାନଙ୍କ ମଧ୍ୟରେ ଉକ୍ତ ଶିକ୍ଷକ ପ୍ରମାଣପତ୍ରରେ ବୟସ ୧୦ବର୍ଷ କମ୍‌କରି ପାଠପଢ଼ିଥିଲେ ଆଉ ପରେ ଚାକିରି କରିଥିଲେ । ତାଙ୍କର ବାସ୍ତବ ବୟସ ୫୮ ବର୍ଷ ହୋଇଥିବାବେଳେ ସେ ପ୍ରମାଣପତ୍ରରେ ଭୁଲ ତଥ୍ୟଦେଇ ୧୦ ବର୍ଷ କମାଇ ୪୮ ବୋଲି ଦେଖାଇଥିଲେ । ଏବେ ତାଙ୍କ ପୁଅକୁ ଆସି ୩୩ ବର୍ଷ ହୋଇଥିବାବେଳେ ସେ ଜେଜେ ହୋଇସାରିଲେଣି । ସାର୍ଟିଫିକେଟ ବୟସକୁ ହିସାବ କଲେ ବିଭିନ୍ନ ପ୍ରକାର ବିଭ୍ରାଟ ଦେଖାଦେଇଛି । ଯଦି ତାଙ୍କରବୟସ ସାର୍ଟିଫିକେଟ ହିସାବରେ ଧରାଯାଏ ତା'ହେଲେ ସେ ୧୬ ବର୍ଷ ବୟସରେ ବିବାହ କରିଥିବେ । ଯଦି ବିବାହ ତା'ଠାରୁ ଅଧିକ ବୟସରେ କରିଥାଆନ୍ତି ତା'ହେଲେ ନିହାତି ଭାବେ ସାର୍ଟିଫକେଟ୍ ବୟସରେ ଭୁଲ୍‌ତଥ୍ୟଥିବ । ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷାବେଳେ ପ୍ରମାଣପତ୍ରରେ ୧୯୬୨ ବୋଲି ଦର୍ଶାଯାଇ ଥିବାବେଳେ ପରବର୍ତୀ ସମୟରେ ତାହା ୧୯୭୨ ମସିହା କେମିତି ହେଲା ? ତା' ହେଲେ ସେ ନିହାତି ଭାବେ ୧୬ ବର୍ଷ ବୟସରେ ବାପା ହୋଇଥିବେ । ଯଦି ୧୬ବର୍ଷ ବୟସରେ ସେ ବାପା ନହୋଇଥିବେ ତା' ହେଲେ ସେ ଚାକିରିକାଳ ବଢ଼ାଇବାକୁ ଏପରି କରିଥିବେ । କେନ୍ଦ୍ରାପଡ଼ା ଡିଇଓ ଶ୍ରୀ ସିଂଙ୍କୁ ଏସମ୍ପର୍କରେ ପଚାରିବାରେ ସେ କହିଥିଲେ ଯେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ଦୁର୍ନୀତିକୁ କଦାପି ପ୍ରଶୟ ଦିଆଯିବନି ବୋଲି ।

## ଶ୍ୟାମ ଖୋସଲା ଥିଲେ ଭାରତୀୟ ସାମ୍ବାଦିକତା ଜଗତର ଉଜ୍ଜ୍ୱଳତମ ନକ୍ଷତ୍ର

ବ୍ରହ୍ମପୁର (ପିଏନ୍): ଭାରତୀୟ ସାମ୍ବାଦିକତା କ୍ଷେତ୍ରରେ ଶ୍ୟାମ ଖୋସଲା ଥିଲେ ଉଜ୍ଜ୍ୱଳତମ ନକ୍ଷତ୍ର ଥିଲେ ବୋଲି ସ୍ଥାନୀୟ ନବୀନ ଭବନ ପରିସରରେ ଆୟୋଜିତ ସ୍ମୃତିସଭାରେ ଏନୟୁଜେଆଇର ପୂର୍ବତନ ସମ୍ପାଦକ ତଥା ଉପସଭାପତି ରବି ରଥ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ଦୀର୍ଘ ୫୦ ବର୍ଷ ଧରି ସ୍ୱର୍ଗତ ଖୋସଲା ବିଭିନ୍ନ ଖବରକାଗଜରେ କାର୍ଯ୍ୟ କରିବା ସହ ଜାତୀୟ ସାମ୍ବାଦିକ ୟୁନିଅନର ପ୍ରତିଷ୍ଠାତା ସଦସ୍ୟ, ଇଣ୍ଡିଆନ ମିଡିଆ ସେଣ୍ଟର ଓ ପଞ୍ଜାବ୍ ଗବେଷଣା ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇ ସଂଗଠନକୁ କ୍ରିୟାଶୀଳ କରାଇଥିଲେ । ସେ ଥିଲେ ଅତ୍ୟନ୍ତ କର୍ମଠ, ନୀତିନିଷ୍ଠ, ସଂଗ୍ରାମୀ, ବର୍ଷିୟାନ ସାମ୍ବାଦିକ, ବିଶିଷ୍ଟ ଶ୍ରମିକ ନେତା । ପ୍ରେସ୍ କାଉନସିଲର ଓ ସାମ୍ବାଦିକ ମଜୁରୀ ବୋର୍ଡ଼ର ସଦସ୍ୟ ଭାବେ କାର୍ଯ୍ୟକରି ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଅହରହ ଉଦ୍ୟମ କରି ଆସୁଥିଲେ । ସାମ୍ବାଦିକତା ବୃତ୍ତିରେ ଅବକ୍ଷୟ ଧାରାକୁ ସେ ଅନବରତ ବିରୋଧ କରି ଆସିବା ସହ ସାମ୍ବାଦିକଙ୍କ ଲକ୍ଷ୍ୟ ଓ ଆଦର୍ଶ ବଜାୟ ରଖିବା ପାଇଁ ସେ ସବୁବେଳେ ଉଦ୍ୟମରତ ଥିଲେ । ଇଂରାଜୀ ଖବର କାଗଜ ଟ୍ରିବ୍ୟୁନରେ ସେ ବହୁବର୍ଷ ଧରି କାର୍ଯ୍ୟ କରିବା ସହ ଚଣ୍ଡିଗଡ଼ ପ୍ରେସ କ୍ଲବର ପ୍ରତିଷ୍ଠାତା ଥିଲେ । ୧୯୭୫ ଭାରତର ଜରୁରୀ ପରିସ୍ଥିତିରେ ଗଣତନ୍ତ୍ର ସୁରକ୍ଷା ପାଇଁ ଲଢ଼େଇ କରି ୧୯ ମାସ ଧରି କାରାବରଣ କରିଥିଲେ । ସାମ୍ବାଦିକମାନଙ୍କ ପ୍ରେରଣାଦାତା ଭାବେ ସେ ସମସ୍ତଙ୍କୁ ଉତ୍ସାହିତ କରି ଆସୁଥିଲେ । ଖୋସଲାଙ୍କ ପରଲୋକ ହୋଇଯାଇଥିଲେ ମଧ୍ୟ ତାଙ୍କ ବିଚାରଧାରା ସବୁଦିନ ପାଇଁ ସାମ୍ବାଦିକମାନଙ୍କୁ ପ୍ରେରଣା ଯୋଗାଇ ଆସୁଥିବ ବୋଲି ଶ୍ରୀ ରଥ ପ୍ରକାଶ କରିଥିଲେ । ପ୍ରଥମେ ସାମ୍ବାଦିକ ସୁଶାନ୍ତ କର ଶୋକ ପ୍ରସ୍ତାବ ଆଗତ କରି ଦିବଂଗତ ଆତ୍ମାର ସଦଗତି କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜଳବାୟୁ ବିଜ୍ଞାନୀ ଡ଼. ଡ଼ମ୍ବରୁଧର ସାହୁ, ବିଶିଷ୍ଟ ସମାଜସେବୀ ତଥା ଭଗବତ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ଏସ. ପ୍ରକାଶ ଚନ୍ଦ୍ର ପାତ୍ର, ଶିକ୍ଷକ ସଂଘର ନେତା ରାଜେନ୍ଦ୍ର ପଣ୍ଡା, ଶିକ୍ଷାବିତ କୃଷ୍ଣଚନ୍ଦ୍ର ତ୍ରିପାଠୀ, ଗଞ୍ଜାମ ଆଇନ ମହାବିଦ୍ୟାଳୟର ସହକାରୀ ପ୍ରଫେସର ସୁଦତ୍ତା ରଥ, ଆଡ଼ଭୋକେଟ ଅବନୀ ଗୟା, ପ୍ରଣବ ପଣ୍ଡା, ରଞ୍ଜନ କୁମାର ସାହୁ, ବି. ସତ୍ୟମ ଆଚାରୀ, ସମାଜସେବୀ ରାମକୃଷ୍ଣ ପାତ୍ର, ଏଚଏମଏସ ନେତା ସତ୍ୟ ନାରାୟଣ ତ୍ରିପାଠୀ, ସମାଜସେବୀ ଗଗନ ଚନ୍ଦ୍ର ମଲିକ, ନବୀନର ପ୍ରକାଶିକା ମଞ୍ଜୁ ରଥ, ପବିତ୍ର ଚୌଧୁରି, ବିଶ୍ୱଦେବ ପ୍ରମୁଖ ସ୍ମୃତିଚାରଣ କରିବା ସହ ଦିବଂଗତ ଆତ୍ମାର ସଦଗତି କାମନା କରିଥିଲେ ।

## କେନ୍ଦ୍ରାପଡା ଭାରତୀୟ ମାନବାଧିକାର ପରିଷଦର କୋଭିଡ ସଚେତନତା




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଭାରତୀୟ ମାନବଧିକାର ପରିଷଦ ପକ୍ଷରୁ ଗରଦପୁର ବ୍ଲକରେ ଏକ କୋଭିଡ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ପଦ୍ମପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ କଳ୍ପନା ସାମନ୍ତରାୟ ଅଧକ୍ଷତା କରିଥିଲେ । ପରିଷଦର ଜାତୀୟ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଜାତୀୟ ସମ୍ପାଦକ ଚିତ୍ତରଞ୍ଜନ ତରାଇ, କେନ୍ଦ୍ରାପଡା ଜିଲ୍ଲା ସଭାପତି ନିରଞ୍ଜନ ପରିଡା, ଆଇନ ପରାମର୍ଶ ଦାତା ସୌମ୍ୟ ଧଳ, ସମ୍ପାଦକ ଧନେଶ୍ୱର ପଟ୍ଟନାୟକ, ସଂଯୋଜକ ପ୍ରଦୀପ ବରାଳ ପ୍ରମୁଖ ଯୋଗଦେଇ କୋଭିଡ ନିୟମ ପାଳନ ନିମନ୍ତେ ମାସ୍କ ପରିଧାନ, ସାନିଟାଇଜର ବ୍ୟବହାର, ସାମାଜିକ ଦୂରତା ରକ୍ଷା ଏବଂ ଅସହାୟ ବ୍ୟକ୍ତିମାନଙ୍କୁ ଶୁଖିଲା ଖାଦ୍ୟ ପରିବେଷଣ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ କରାଯାଇ ଥିଲା । ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀପ ବେହୁରା, ରଶ୍ମୀରଞ୍ଜନ ସ୍ୱାଇଁ, ନିରଞ୍ଜନ ଶତପଥୀ, ଶୁଭମ ପାଣି, ଶିବପ୍ରସାଦ ପାଣି, ଚନ୍ଦ୍ରକାନ୍ତ ମିଶ୍ର, ବିଜେତା ସାମଲ, ଶୁଭଲକ୍ଷ୍ମୀ ମହାନ୍ତି, ରୀତାଞ୍ଜଳି ନାୟକ, ସୁନିତା ମାନା ଓ ସୁନିତା ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଚାଟରାପାଟଣା ସାଇ ମନ୍ଦିରରୁ ଚୋରି ଅଭିଯୋଗ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ଚାଟରାପାଟଣାର ସାଇ ମନ୍ଦିରର ହୁଣ୍ଡିର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ସେଥିରେ ଥିବା ଟଙ୍କା ଚୋରୀ କରିନେଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି । ଗତ ସୋମବାର ବିଳମ୍ବିତ ରାତିରେ ସାଇ ମନ୍ଦିରର ବାହାରେ ଥିବା ହୁଣ୍ଡିକୁ ଭଙ୍ଗାଯାଇ ସେଥିରେ ଥିବା ଟଙ୍କାକୁ କେହି ଚୋରି କରିନେଇଥିବା ସମ୍ପର୍କରେ ଅଭିଯୋଗ ପାଇ ଟାଉନ ଥାନା ସବଇନିସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା ସୂଚନା ମିଳିଛି ।

## ଗଣଧାରଣା ପ୍ରତ୍ୟାହାର କଲେ ବାରୋ ପଞ୍ଚାୟତବାସୀ




କେନ୍ଦ୍ରାପଡ଼ା (ପିଏନ୍): ଜିଲ୍ଲାପାଳଙ୍କଠାରୁ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶୃତି ମିଳିବା ପରେ ଗଣଧାରଣାକୁ ପ୍ରତ୍ୟାହାର କରିନେଇଛନ୍ତି ବାରୋ ଗ୍ରାମପଞ୍ଚାୟତବାସୀ । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋ ପଂଚାୟତର ମନରେଗା ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଆଖିବୁଜା ଦୁର୍ନୀତି ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆରମ୍ଭ ହୋଇଥିବା ଗଣଧାରଣାରେ ବାରୋ ପଞ୍ଚାୟତବାସୀ ବସିବା ପରେ କେନ୍ଦ୍ରାପଡା ବ୍ଲକର ବିଡିଓଙ୍କ ନିର୍ଦେଶରେ ଏବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ, ଜିପିଇଓ ଏବଂ ଏପିଓ ମିଳିତ ଭାବେ ତଦନ୍ତ କରି ପ୍ରଦାନ କରିଥିବା ତଦନ୍ତ ରିପୋର୍ଟରେ ବାରୋ ନବୋଦୟ ବିଦ୍ୟାଳୟ ପରିସରରେ ହୋଇଥିବା ମନରେଗା ପ୍ରକଳ୍ପ କାର୍ଯ୍ୟରେ ବହୁ ବେଆଇନ କାର୍ଯ୍ୟ କରାଯାଇଥିବା ଉଲ୍ଲେଖ ଥିଲା । କିନ୍ତୁ ସେହି ରିପୋର୍ଟ ଉପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ଏହାବ୍ୟତିତ ସେହି ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ମଧ୍ୟ ଦୁର୍ନୀତି କରାଯାଇଥିବା ଅଭିଯୋଗ ହୋଇଥିଲା । ବାରୋ ପଞ୍ଚାୟତରେ ହୋଇଥିବା ସମସ୍ତ ଦୁର୍ନୀତିର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆନ୍ଦୋଳନ ଚାଲୁରହିବ ବୋଲି ଧାରଣାକାରୀମାନେ କହିଥିଲେ । ଗତ ସୋମବାର ଗରାପୁରସ୍ଥିତ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ସହିତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦେଶକ ଦିଲ୍ଲିପ କୁମାର ପରିଡା ଓ କେନ୍ଦ୍ରାପଡା ବିଡିଓ ଅଶ୍ୱିନୀ କୁମାର ଦାସଙ୍କ ଉପସ୍ଥିତିରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ଭାଗୀରଥି ଜେନା, ନାଏବ ସରପଞ୍ଚ ବସନ୍ତ ନାୟକ ଓ ହେମନ୍ତ ପରିଡା ପ୍ରମୁଖ ଏକ ଆଲୋଚନା ବୈଠକରେ ଯୋଗ ଦେଇଥିଲେ । ଅଭିଯୋଗ ଉପରେ ଆଲୋଚନା ପରେ ଜିଲ୍ଲାପାଳ ଶ୍ରୀ ଋତୁରାଜ ବାରୋ ପଞ୍ଚାୟତର ଦୁର୍ନୀତିରେ ଲିପ୍ତ ଥିବା ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣଧାରଣାକାରୀଙ୍କ ପକ୍ଷରୁ ଉପସ୍ଥିତ ଥିବା ପ୍ରତିନିଧିମାନଙ୍କୁ ପ୍ରତିଶୃତି ଦେଇଥିଲେ । ଏହାପରେ ପିଡି ଶ୍ରୀ ପରିଡା ଓ ବିଡିଓ ଶ୍ରୀ ଦାସ ଧାରଣାସ୍ଥଳକୁ ଆସି ଗଣଧାରଣାରେ ବସିଥିବା ଧାରଣାକାରୀମାନଙ୍କୁ ଜିଲ୍ଲାପାଳଙ୍କ ପକ୍ଷରୁ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସମ୍ପର୍କରେ ପ୍ରତିଶୃତି ରଖିବାରେ ଧାରଣାକାରୀମାନେ ଧାରଣାକୁ ପ୍ରତ୍ୟାହାର କରିନେଇ ଧାରଣାସ୍ଥଳରୁ ଉଠିଯାଇଥିଲେ ।

## ଖବରକାଗଜ ହକର ତଥା କର୍କଟ ରୋଗୀଙ୍କୁ ନିସ୍ତୁକ ମାଡ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଇଚ୍ଛାପୁର ଗ୍ରାମର ଜଣେ ବରିଷ୍ଠ ଖବରକାଗଜ ହକର ବାବାଜୀ ବେହେରା ଓ ତାଙ୍କ ଝିଅ ପ୍ରମିଳା ବେହେରାଙ୍କୁ ତାଙ୍କ ପଡିଶା ନିସ୍ତୁକ ମାଡ ମାରି ଲହୁଲୁହାଣ କରି ଦେଇଥିବା କେନ୍ଦ୍ରାପଡା ଟାଉନ ଥାନାରେ ଅଭିଯୋଗ ହୋଇଛି । କୌଣସି କାରଣରୁ ପଡିଶା ଜଣକ ବାବାଜୀକୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ତାଙ୍କ ଝିଅ ପ୍ରତି ଅସଭ୍ୟ ଭାଷା ପ୍ରୟୋଗ କରିଥିଲେ । ଏହାର ପ୍ରତିବାଦ କରିବାରୁ ପଡିଶା ଘର ବାପ ପୁଅ ଦୁହେଁ ମିଶି ବାବାଜୀ ଓ ତାଙ୍କ ଝିଅ ଭଗବତୀ ବେହେରାକୁ ତାଙ୍କ ଘର ଆଗରେ ନିସ୍ତୁକ ମାଡ ମାରିବାରୁ ଗୁରୁତର ଅବସ୍ଥାରେ ବାବାଜୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

## ଭତ୍ତା ହିତାଧିକାରୀ ଭତ୍ତା ନପାଇବାରୁ ଅସନ୍ତୋଷ

କେନ୍ଦ୍ରାପଡା (ପିଏନ୍): ଭତ୍ତାହିତାଧିକାରୀ ମାନେ ଭତ୍ତା ନପାଇବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ସରକାରଙ୍କ ଯୋଜନା ଅନୁଯାୟୀ ପ୍ରତ୍ୟେକ ମାସର ୧୫ ତାରିଖରେ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ହିତାଧିକାରୀମାନେ ସେମାନଙ୍କ ଭତ୍ତା ପାଇଥାନ୍ତି । କିନ୍ତୁ କେନ୍ଦ୍ରାପଡା ପୌରାଞ୍ଚଳରେ ଚଳିତ ମାସର ୧୫ତାରିଖରେ ଭତ୍ତା ହିତାଧିକାରୀମାନେ ଭତ୍ତା ପାଇ ନ ଥିବାରୁ ସେମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ବେଦାନ୍ତ ଆଲୁମିନିୟମ ପକ୍ଷରୁ ସ୍ୱଳ୍ପ କାର୍ବନ ଉତ୍ପାଦ ପାଇଁ ସିମେଂଟ ଉଦ୍ୟୋଗ ସହିତ ସହଭାଗୀତାରେ ବର୍ଜ୍ୟରୁ ସଂପଦ ସୃଷ୍ଟି ପାଇଁ ଆହ୍ୱାନ

ଭୁବନେଶ୍ୱର : ବେଦାନ୍ତ ଆଲୁମିନିୟମ ବ୍ୟବସାୟ, ଆଲୁମିନିୟମ ଓ ମୂଲ୍ୟଯୁକ୍ତ ଉତ୍ପାଦର ଭାରତର ଅଗ୍ରଣୀ ଉତ୍ପାଦକ ସ୍ୱଳ୍ପ କାର୍ବନ ସିମେଂଟ ଉତ୍ପାଦନ ପାଇଁ ଏହାର ଉପ ଉତ୍ପାଦ ବ୍ୟବହାର କରିବା ପାଇଁ ସିମେଂଟ ଉତ୍ପାଦକଙ୍କ ସହଭାଗୀତାକୁ ଆମନ୍ତ୍ରଣ କରିଛି। ସିମେଂଟ ଶିଳ୍ପରେ ଫ୍ଲାଏ ଆଶ (ତାପଜ ଉତ୍ପାଦନର ଏକ ଉପ ପଦାର୍ଥ) ଏବଂ ବକ୍ସାଇଟ ଅବଶିଷ୍ଟାଂଶ (ବକ୍ସାଇଟରୁ ଆଲୁମିନା ଉତ୍ପାଦନର ଏକ ଉପ ଦ୍ରବ୍ୟ) ବ୍ୟବହାର କରିବାର ସୁଯୋଗ ଉପରେ ସିମେଂଟ ଉଦ୍ୟୋଗ ସଂସ୍ଥା ଗୁଡ଼ିକ ସହ ଏକ ଦୀର୍ଘ ମିଆଦି ସହଯୋଗ ଲାଗି କମ୍ପାନି ଆଗ୍ରହ ପ୍ରକାଶ କରିଛି। ଏଥିପାଇଁ ବିଶ୍ୱ ସ୍ତରରେ ବିଶେଷଜ୍ଞମାନଙ୍କର ଏକ କର୍ମଶାଳା ଆୟୋଜିତ ହୋଇଥିଲା। ସିମେଂଟ ଉଦ୍ୟୋଗ ଯାହାକି ଅଧିକ ସ୍ଥାୟୀ ଭାବରେ ସିମେଂଟ ଉତ୍ପାଦନ ଲାଗି କାର୍ଯ୍ୟକ୍ଷମ ସମାଧାନ ପନ୍ଥା ଅନୁସନ୍ଧାନ କରୁଛି ଏଥିପାଇଁ ବେଦାନ୍ତ ଆଲୁମିନିୟମ ଏକ ଉପଯୁକ୍ତ ଅର୍ଥନୀତି ଭାଗିଦାର ହୋଇ ପାରିବ। ଫ୍ଲାଏ ଆଶ ଓ ବକ୍ସାଇଟ ବଳକା ପଦାର୍ଥ ଏହି ଦୁଇଗୋଟି ବହୁ ମୂଲ୍ୟଯୁକ୍ତ ଉତ୍ପାଦ ଯାହାକୁ ସିମେଂଟ ଓ କଂକ୍ରିଟ ତିଆରି ପାଇଁ ବ୍ୟବହାର କରାଯାଇ ପାରିବ। ସିମେଂଟ ଉତ୍ପାଦକଙ୍କୁ ଗୁଣମାନର ଉତ୍ପାଦ ପ୍ରସ୍ତୁତ କରିବାରେ ଓ ମୂଲ୍ୟ ଉପଯୋଗୀତା ପ୍ରଦାନ କରିବାରେ। ସହାୟକ ହେବ। ଫ୍ଲାଏ ଆଶ ଆଂଶିକ କଂକ୍ରିଟରେ ସିମେଂଟକୁ ବଦଳାଇ ପାରେ ( କିମ୍ବା ମିଶ୍ରିତ ସିମେଂଟ ଉତ୍ପାଦନ ପାଇଁ ବ୍ୟବହୃତ ହୁଏ), ଯାହା ଦ୍ୱାରା ସିମେଂଟର ଗୁଣବତା ଓ କାର୍ଯ୍ୟକାରୀତା ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଏ। ୩୦-୩୩% ମିଶ୍ରଣ ଅନୁପାତରେ ଫ୍ଲାଏ ଆଶ ଉତ୍ପାଦିତ ପ୍ରତି ଟନ ସିମେଂଟ ପାଇଁ ୨୭୦ କିଲୋଗ୍ରାମ କାର୍ବନ ନିର୍ଗମନ ସଂଚୟ ହୋଇପାରେ। ଭିର୍ଜିନ ବକ୍ସାଇଟକୁ ବଦଳାଇବା, ଏହାର ହାଇଡ୍ରୋଲିକ ଗୁଣ ଓ ଶକ୍ତିରେ ଉନ୍ନତି ଆଣିବା ପାଇଁ କ୍ଲିଂକର ଉତ୍ପାଦନରେ ଅଶୋଧିତ ମିଶ୍ରଣରେ ବକ୍ସାଇଟ ଅବଶିଷ୍ଟାଂଶ ଯୋଗ କରାଯାଇପାରେ। ଆଇରନ ଅକ୍ସାଇଡ ଓ ଆଲୁମିନାର ଅଧିକ ସାନ୍ଦ୍ରତା ଯୋଗୁ ବକ୍ସାଇଟ ଅବଶିଷ୍ଟାଂଶ ଉତ୍ପାଦନରେ ବ୍ୟବହୃତ ଲାଟେରାଇଟ ପାଇଁ ଉତମ ବିକଳ୍ପ। ଅଧିକନ୍ତୁ ବକ୍ସାଇଟ ଅବଶିଷ୍ଟାଂଶରେ ଥିବା କାଉଷ୍ଟିକ ପ୍ରତକ୍ଷ୍ୟ ଭାବରେ ବ୍ୟବହୃତ ହେଲେ ଗନ୍ଧକ ନିର୍ଗମନ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଉଭୟ ଫ୍ଲାଏ ଆଶ ଓ ବକ୍ସାଇଟ ଅବଶିଷ୍ଟାଂଶ ଶିଳ୍ପ ବର୍ଜ୍ୟ ବସ୍ତୁ ଯାହାର ମୂଲ୍ୟ ଓ ଉପଯୋଗୀତା ରହିଛି।ବେଦାନ୍ତ ଆଲୁମିନିୟମର ବୈଷୟିକ କର୍ମଶାଳାରେର ସିମେଂଟ ଉଦ୍ୟୋଗରୁ ଶହେରୁ ଅଧିକ କାର୍ଯ୍ୟନିର୍ବାହୀ ଯୋଗ ଦେଇଥିଲେ ଓ ଏହି ଉପଲକ୍ଷେ ସର୍ବଭାରତୀୟ ସ୍ତରରେ ବହୁ ଜଣାଶୁଣା ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ଯାହାଙ୍କ ମଧ୍ୟରେ ଭାରତର ଅନ୍ୟତମ ପ୍ରମୁଖ ସିମେଂଟ ଉତ୍ପାଦକ ଶ୍ରୀ ଶ୍ରିଷ ଖାଡିକର, ପୂର୍ବତନ ନିର୍ଦ୍ଦେଶକ କ୍ୱାଲିଟି ଓ ଉତ୍ପାଦ ବିକାଶ, ରବିନ ଡେ ବିର



ଦକ୍ଷିଣ ଆଫ୍ରିକାର ଜଣେ ବରିଷ୍ଠ ଟେକନୋଲୋଜିଷ୍ଟ କଂକ୍ରିଟରେ ଫ୍ଲାଏ ଆଶ ବ୍ୟବହାର ଜନିତ ଉପକାରୀତା ସଂପର୍କରେ ମତ ଦେଇଥିଲେ। ୱେବିନାରରେ ଯୋଗ ଦେଇ ଶ୍ରୀ ରାହୁଲ ଶର୍ମା, ସିଇଓ- ବେଦାନ୍ତ ଆଲୁମିନିୟମ ବିଜିନେସ କହିଥିଲେଯେ ଆମେ ଦୃଢ ଭାବରେ ବିଶ୍ୱାସ କରୁଯେ ପ୍ରକୃତରେ ସ୍ଥାୟୀ ହେବା ପାଇଁ ଶିଳ୍ପ ଗୁଡ଼ିକ ବର୍ଜ୍ୟ ବସ୍ତୁରୁ ସଂପଦ ସୃଷ୍ଟି କରିବା ଆବଶ୍ୟକ। ବେଦାନ୍ତରେ ଆମେ ଏ ଦିଗରେ ଉତ୍ସାହଜନକ ଅଗ୍ରଗତି କରିଛୁ ଓଏହାକୁ ଆଗକୁ ନେବାକୁ ଚାହୁଁଛୁ। ଦୀର୍ଘକାଳୀନ ରଣନୀତି ଭାବରେ ବେଦାନ୍ତ ଓ ଭାରତର ପ୍ରମୁଖ ସିମେଂଟ ଉତ୍ପାଦକଙ୍କ ମଧ୍ୟରେ କେବଳ ଶିଳ୍ପ ବର୍ଜ୍ୟବସ୍ତୁକୁ ସିଷ୍ଟମରୁ ବାଦ ଦେବ ନାହିଁ ବରଂ ଏହାକୁ ଉପଯୋଗ କରାଯାଇ ସିମେଂଟ ଉତ୍ପାଦନ ପାଇଁ ବ୍ୟବହାର ଯୋଗ୍ୟ କରାଯାଇ ପାରିବ। ଆମେ ଆଶା କରୁଛୁ ଭାରତୀୟ ସିମେଂଟ ଉତ୍ପାଦକମାନେ ଏହି ଅଭିନବ ସମାଧାନ ପାଇଁ ଆମ ସହ ସହଯୋଗ କରିବାକୁ ଆଗେଇ ଆସିବେ, ଯାହା ଶିଳ୍ପ ଓ ପରିବେଶ ପାଇଁ ଉପଯୋଗୀ ହୋଇ ପାରିବ।ନିଜର ଅଭିଜ୍ଞତାକୁ ବାଂଟିବା କ୍ରମରେ ଶ୍ରି ରବିନ ଡେ ବିର କହିଥିଲେଯେ ଭଲ ମାନର ଫ୍ଲାଏ ଆଶ ଦ୍ୱାରା ଜଳ ଚାହିଦା କମ ହେବ, ହାଇଡ୍ରେସନର ଉତାପ କମିବ ଓ କଂକ୍ରିଟର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ। ବେଦାନ୍ତରଏହି ବୈଷୟିକ କର୍ମଶାଳା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। ଫ୍ଲାଏ ଆଶକୁ ବ୍ୟବହାର କରି କିପରି ସିମେଂଟ ଉତ୍ପାଦନ ବୃଦ୍ଧି କରାଯାଇ ପାରିବ ସେ ଦିଗରେ ସଚେତନତା ସୃଷ୍ଟି କରାଯାଇ ପାରିବ। ଶ୍ରୀ ଶ୍ରୀଷ ଖାଡିକର କହିଥିଲେଯେ ବକ୍ସାଇଟ ଅବଶିଷ୍ଟାଂଶରେ ସିମେଂଟ ଉତ୍ପାଦନ ଲାଗି ଯଥେଷ୍ଟ ସୁବିଧା ଅଛି, ଯେପରିକି ଲାଟେରାଇଟ/ ବକ୍ସାଇଟ ସହିତ କମ ସିଲିକା, ଅଧିକ କ୍ଷାରୀୟ ପଦାର୍ଥ ଏବଂ ସୂକ୍ଷ୍ମ କଣିକା, ଯାହା ଗ୍ରାଇଣ୍ଡିଂ ମୂଲ୍ୟ ହ୍ରାସ କରିଥାଏ। ଗୁଣବତା ଓ ସ୍ଥାୟୀତ୍ୱ ଲାଭ ପାଇବା ଲାଗି ଭାରତୀୟ ସିମେଂଟ ଉଦ୍ୟୋଗ ଏହି ଅଭିନବ ସୁଯୋଗକୁ ଉପଯୋଗ କରିବା ଉଚିତ।ଅର୍ଥନୈତିକ ଦୃଷ୍ଟିରୁ ଆଥିକ ବର୍ଷ ୨୧ରେ ବେଦାନ୍ତ ଆଲୁମିନିୟମ ଭାରତର ବିଭିନ୍ନ ସିମେଂଟ କାରଖାନାକୁ ୩ ଲକ୍ଷ ମେଟ୍ରିକ ଟନ ଫ୍ଲାଏ ଆଶ ଯୋଗାଇଥିଲା। ଫେବ୍ରୁଆରୀ ୨୧ ଠାରୁ କଂପାନି ସିମେଂଟ ଉତ୍ପାଦକମାନଙ୍କୁ ୩୦୦୦୦ ମେଟ୍ରିକ ଟନ ବକ୍ସାଇଟ ଅବଶିଷ୍ଟାଂଶ ଯୋଗାଇ ଦେଇଛି। ଅତିକରିକ୍ତ ଭାବରେ ଇଟା ତିଆରି କରୁଥିବା କାରଖାନାକୁ ମଧ୍ୟ ମାଗଣାରେ ଫ୍ଲାଏ ଆଶ ଯୋଗାଯାଉଛି। ୨୧ ଆର୍ଥିକ ବର୍ଷରେ ୪ଲକ୍ଷ ମେଟ୍ରିକ ଟନ ଫ୍ଲାଏ ଆଶ ଯୋଗାଇଥିଲା। ଫ୍ଲାଏ ଆଶ ତିଆରି ଇଟା ପାରଂପାରିକ ଇଟା ତୁଳନାରେ ହାଲୁକା ଓ ଦୃଢ। ଉତ୍ପାଦିତ ପ୍ରତି ଟନ ପାଉଁଶ ଇଟା ପାଇଁ ୧.୯ ମେଟ୍ରୀକ ଟନ ସଏଲ ସଂଚୟ ହୋଇଥାଏ। ଏହା ବ୍ୟତୀତ ଏହା ପରିବେଶ ଉପଯୋଗୀ ଉପାୟରେ ପ୍ରସ୍ତୁତ ହୋଇଥାଏ, ଗ୍ୟାସ ନିର୍ଗମନ କମ ହୁଏ। ପ୍ରକୃତରେ ଦେଖିବାକୁ ଗଲେ ଉତ୍ପାଦିତ ପ୍ରତି ଟନ ପାଉଁଶ ଇଟା ପାଇଁ ପ୍ରାୟ ୫୯୦୦ କିଲୋଗ୍ରାମର କାର୍ବନ ଡାଇ ଅକ୍ସାଇଡ ନିର୍ଗମନକୁ ଏଡାଇ ଦିଆଯାଇପାରେ। ଏହି ବିଷୟରେ ଅଧିକ ଜାଣିବା ପାଇଁ ଦୟାକରି ପରିଦର୍ଶନ କରନ୍ତୁ: info.wastetowealth @vedanta.co.inବେଦାନ୍ତ ଆଲୁମିନିୟମ ବିଜିନେସ ହେଉଛି ବେଦାନ୍ତ ଲିମିଟେଡ଼ର ଏକ ଅଂଶ ଯିଏକି ଭାରତର ଅଗ୍ରଣୀ ଆଲୁମିନିୟମ ନିର୍ମାତା ପ୍ରାୟତଃ ଏହା ଭାରତର ଅର୍ଦ୍ଧେକ ଆଲୁମିନିୟମ ଉତ୍ପାଦନକାରୀ ଯିଏକି ଅଶତିକ ବର୍ଷ ୨୧ରେ ୧.୯୬ ନିୟୁତ ଟନ୍ ଆଲୁମିନିୟମ ଉତ୍ପାଦନ କରିଥିବା ସଂସ୍ଥା। ଏହା ମଧ୍ୟ ଦେଶର ସର୍ବବୃହତ ଘରୋଇ ଶକ୍ତି ଉତ୍ପାଦନକାରୀ ସଂସ୍ଥା ମଧ୍ୟରୁ ଅନ୍ୟତମ। ବେଦାନ୍ତ ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦ ନିର୍ମାଣ କରିବାରେ ଅଗ୍ରଣୀ ଭୂମିକା ନିର୍ବାହ କରିବା ସହ ଔଦ୍ୟୋଗିକ କ୍ଷେତ୍ରରେ ସର୍ବବୃହତ ଜ୍ଞାନକୌଶଳକୁ ଆପଣାଇ ବିଶ୍ୱ ଶ୍ରେଣୀୟ ସ୍ମେଲ୍‌ଟର, ପାୱାର ପ୍ଲାଂଟ ଓ ଆଲୁମିନା ରିଫାଇନାରୀ କାର୍ଯ୍ୟ କରୁଛି। ଏକ ସବୁଜ ଭବିଷ୍ୟତ ପାଇଁ ମେଟାଲ ଅଫ୍ ଦି ଫ୍ୟୁଚର ଭାବରେ ଆଲୁମିନିୟମର ପ୍ରୟୋଗକୁ ପ୍ରସାରିତ କରିବା ପାଇଁ କମ୍ପାନୀ ତାର ଲକ୍ଷ୍ୟ ପୂରଣ କରୁଛି।

## ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ୫୭୦ ୟୁନିଟ ରକ୍ତ ସଂଗ୍ରହ

ଭୁବନେଶ୍ୱର: ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀରେ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ୫୭୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି ।ଏହି ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର କୁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ମୋ ପରିବାର ର ଆବାହକ ଅରୂପ ପଟ୍ଟନାୟକ, ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ,ବିଧାୟକ ଦେବୀ ପ୍ରସାଦ ମିଶ୍ର,ଅତନୁ ସବ୍ୟସାଚୀ ନାୟକ, ସୁଶାନ୍ତ ରାଉତ, ପୂର୍ବତନ କର୍ପୋରେଟର ଶ୍ରୀଧର ବେହେରା,ବିନୟିନି ଜେନା,ପୁଷ୍ପା ଦାସ, ବରିଷ୍ଠ ନେତା ପ୍ରତାପ ଜେନା,ବିଜୁ ଜନତା ଦଳ ସଂପାଦକ ଡଃ ସନ୍ତୋଷ ବେଜ,ଛାତ୍ର ସମ୍ପାଦକ ଅଜିତ ବେହେରା, ନେତାଜୀ ଯୁବକ ସଂଘ ସଭାପତି ସନ୍ତୋଷ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ୩୨ ଲକ୍ଷ ମନରେଗା ଶ୍ରମିକଙ୍କୁ ୩୫୨ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା

ଭୁବନେଶ୍ୱର:ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନଫରେନସିଙ୍ଗ ଜରିଆରେ ରାଜ୍ୟର ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ନିୟୋଜିତ ଶ୍ରମିକ ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କୋଭିଡ ସହାୟତା ପ୍ରଦାନ କରିଛନ୍ତି। ଏଥିରେ ଏପ୍ରିଲରୁ ଜୁନ ମାସ ପର୍ଯ୍ୟନ୍ତ ଏହି ତିନିମାସ ମଧ୍ୟରେ କାମ କରିଥିବା ଶ୍ରମିକ ମାନଙ୍କୁ ସେମାନଙ୍କର ପ୍ରତ୍ୟେକ ଦିନର ମଜୁରି ସହିତ ଆଉ ଅତିରିକ୍ତ ୫୦ ଟଙ୍କା ପ୍ରଦାନ କରାଗଲା। ଏହା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଂଟ ରେ ଜମା କରାଗଲା । ଏହାଦ୍ୱାରା ପ୍ରତ୍ୟେକ ଶ୍ରମିକ ୪୫୦୦ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ମଜୁରି ପାଇଛନ୍ତି । ସମୁଦାୟ ୩୨ ଲକ୍ଷ ଶ୍ରମିକ ୩୫୨ କୋଟି ଟଙ୍କାର ସହାୟତା ପାଇଛନ୍ତି । ଏହି ଅବସରରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଗରିବ ଲୋକଙ୍କ ପାଇଁ ମୋ ହୃଦୟରେ ସବୁବେଳେ ସ୍ୱତନ୍ତ୍ର ସ୍ଥାନ ରହିଛି । ଗରିବ ଲୋକଙ୍କ କାର୍ଯ୍ୟକ୍ରମ ମୋତେ ଅଧିକ ସନ୍ତୋଷ ଦେଇଥାଏ ଏବଂ ଆଜିର ଏହି ସହାୟତା ସେମାନଙ୍କ ପରିବାରର ଆର୍ଥିକ ଅସୁବିଧା ଦୂର କରିବାରେ ସାହାଯ୍ୟ କରିବା ବୋଲି ଆଶା ପ୍ରକାଶ କରିଥିଲେ । ଗରିବ ଲୋକଙ୍କ ପାଇଁ ଏହିପରି ଉଦ୍ୟମ ଜାରି ରହିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଜିଲ୍ଲା ସ୍ତରରେ ଅଧିକ ଶ୍ରମଦିବସ ସୃଷ୍ଟି କରି ଗରିବ ଲୋକଙ୍କ ରୋଜଗାର ଦେବା ପାଇଁ କାମ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ କୋଭିଡର ଦ୍ୱିତୀୟ ଲହରରେ ଗରିବ ଲୋକଙ୍କ ଅସୁବିଧା ଦୂର କରିବା ପାଇଁ ୧୬୯୦ କୋଟି ଟଙ୍କାର ସ୍ୱତନ୍ତ୍ର କୋଭିଡ ସହାୟତା ଘୋଷଣା କରିଛନ୍ତି । ଏଥିରେ ଶ୍ରମିକ ମାନଙ୍କ ପାଇଁ ମଧ୍ୟ ୩୫୨ କୋଟି ଟଙ୍କାର ସହାୟତା ରହିଛି । ଏମଜିଏନଆରଇଜିଏସ୍ ରେ ଗତବର୍ଷ ୨୦ କୋଟି ଶ୍ରମ ଦିବସ ସୃଷ୍ଟି ହୋଇଥିବା ବେଳେ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୭ କୋଟି ଶ୍ରମ ଦିବସ ସୃଷ୍ଟି ହୋଇ ପାରିଛି ଏବଂ ବର୍ଷ ଶେଷ ସୁଧା ୨୫ କୋଟି ଶ୍ରମ ଦିବସ ସୃଷ୍ଟି ପାଇଁ ଲକ୍ଷ ରଖା ଯାଇଛି । କରୋନାର ଦ୍ୱିତୀୟ ଲହର ସମ୍ପୁର୍ଣ୍ଣ ଶେଷ ହୋଇନାହିଁ ବୋଲି ଦୋହରାଇ ସେ ସମସ୍ତଙ୍କୁ ଟୀକା ନେବାକୁ ଓ କୋଭିଡ ନିୟମ ମାନିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ପଂଚାୟତରାଜ ମନ୍ତ୍ରୀ ପ୍ରତାପ ଜେନା ଗରିବ କୃଷକ ଶ୍ରମିକ ମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ଗ୍ରାମ୍ୟ ଅର୍ଥନୀତି କୁ ସୁଦୃଢ କରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ ଏବଂ ରାଉରକେଲା ବିଧାୟକ ଶ୍ରୀ ସାରଦା ନାୟକ ପ୍ରମୁଖ ଯୋଗ ଦେଇ ବିଭିନ୍ନ ବିକାଶ ଓ ଜନ କଲ୍ୟାଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଦୁରଦୃଷ୍ଟି ସମ୍ପନ୍ନ ନେତୃତ୍ୱର ଉଚ୍ଚ ପ୍ରଶଂସା କରିଥିଲେ ।

## ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱରରେ ଯୁବ କଂଗ୍ରେସର ଅଭିନବ ପ୍ରତିବାଦ

ଭୁବନେଶ୍ୱର: ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡଃ ସ୍ମୃତିରଞ୍ଜନ ଲେଙ୍କାଙ୍କ ଆହ୍ୱାନକ୍ରମେ ଏବଂ ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ତତ୍ତ୍ୱାବଧାନରେ ଆଜି ଭୁବନେଶ୍ୱର-ଏକାମ୍ର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ପକ୍ଷରୁ ଅଭିନବ ଉପାୟରେ ପେଟ୍ରୋଲ, ଡିଜେଲ ଦର ବୃଦ୍ଧିର ପ୍ରତିବାଦ କରାଯାଇଥିଲା। ଏକାମ୍ର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ନେତା ରିତୁଲ ମହାରଣାଙ୍କ ନେତୃତ୍ୱରେ ଭୁବନେଶ୍ୱର ଖଣ୍ଡଗିରି ଛକ ନିକଟରୁ ଏକ ସାଇକେଲ ଶୋଭାଯାତ୍ରା ବାହାରି ବରମୁଣ୍ଡା ବସ୍ ଷ୍ଟାଣ୍ଡ ଛକରେ ପହଂଚିଥିଲା। ଯୁବ କଂଗ୍ରେସ ପକ୍ଷରୁ ମଟର ସାଇକେଲକୁ ମର ଶରୀରରେ ସଜେଇ ଏବଂ ଏହାକୁ କୋକେଇରେ ରଖି ପରିକ୍ରମା କରାଯାଇଥିଲା। ପରେ ମଟର ସାଇକେଲକୁ ପୋଡ଼ି ଦିଆଯାଇଥିଲା।ବର୍ତ୍ତମାନ ସମଗ୍ର ଦେଶ କରୋନା କବଳରୁ ମୁକ୍ତ ହୋଇ ନଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପେଟ୍ରୋଲ ଡିଜେଲ ଦର ଅହେତୁକ ବୃଦ୍ଧି କରିଛନ୍ତି। ତତ୍‌ସହିତ ରନ୍ଧନ ଗ୍ୟାସ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ମଧ୍ୟ ଦର ବୃଦ୍ଧି ଘଟିଛି। ବର୍ତ୍ତମାନ ପରିସ୍ଥିତିରେ ଲୋକମାନଙ୍କ ସ୍ୱାର୍ଥକୁ ଭୁଲି ସରକାର ଟିକସ ଆଳରେ ଦଳୀୟ ପାଣ୍ଠିକୁ ମଜଭୁତ କରୁଛନ୍ତି ବୋଲି ଯୁବ କଂଗ୍ରେସ ନେତା ରିତୁଲ ମହାରଣା ଅଭିଯୋଗ କରିଛନ୍ତି। ଭୁବନେଶ୍ୱରରେ ପେଟ୍ରୋଲ ଦର ସେଂଚୁରି ଅତିକ୍ରମ କରି ସାରିଛି। ଡିଜେଲ ଦର ମଧ୍ୟ ଶତକ ଅଭିମୁଖେ। ଏହି ପରିସ୍ଥିତିରେ ରାଜ୍ୟରେ ଥିବା ବିଜୁ ଜନତା ଦଳର ସରକାର ମଧ୍ୟ ଭ୍ୟାଟ୍ ନକମାଇ ଜନବିରୋଧୀ କାର୍ଯ୍ୟରେ ଲିପ୍ତ ଅଛନ୍ତି।

## ଜଗନ୍ନାଥ ମନ୍ଦିର ବେଢାରେ ହେବ ରଥଯାତ୍ରା

ଖଣ୍ଡପଡା: କୋଭିଡ-୧୯ କଟକଣା ଯୋଗୁଁ ଗତ ୨ବର୍ଷ ଧରି ଖଣ୍ଡପଡା ସହରାଚଂଳ ସମେତ ଖଳିସାହି ଓ ମର୍ଦ୍ଧରାଜପୁର ଅଂଚଳରେ ଶ୍ରୀ ଜୀଉଙ୍କ ଘୋଷଯାତ୍ରା ସଂପୂର୍ଣ୍ଣ ରୁପେ ବନ୍ଦ ହୋଇଯାଇଛି । ଫଳରେ ଭକ୍ତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ତେବେ ବିଧିରକ୍ଷା ପାଇଁ ଚଳିତ ବର୍ଷ ଶ୍ରୀ ଜଗନ୍ନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଜୀଉଙ୍କ ଘୋଷଯାତ୍ରା ନିମନ୍ତେ ଏକ ଛୋଟ ରଥ ନିର୍ମାଣ କରାଯାଇଥିବା ଖଣ୍ଡପଡା ରାଜ ପରିବାର ସୁତ୍ରରୁ ଜଣାପଡିଛି । ଶ୍ରୀ ଜଗନ୍ନାଥ ଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ଓ ଏକକ ଜଗନ୍ନାଥଙ୍କ ପାର୍ଶ୍ୱ ଦେବତା ରୁପେ ପୂଜା ପାଉଥିବା ବିଗ୍ରହ ରଥରେ ବିରାଜମାନ କରିବେ ବୋଲି ମନ୍ଦିର ପୂଜକ ସମାଜର କର୍ମକର୍ତାମାନଙ୍କ ଠାରୁ ପ୍ରକାଶ । ତେବେ କୋଭିଡ କଟକଣା ଅନୁଯାୟୀ ବିଗ୍ରହଙ୍କ ସମସ୍ତ ନୀତିକାନ୍ତି ସହ ମନ୍ଦିର ବେଢାରେ ରଥଯାତ୍ରା ଓ ବାହୁଡା ଯାତ୍ରା ଅନୁଷ୍ଠିତ ହେବା ପାଇଁ ସମସ୍ତ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଁଚିଥିବା ରାଜପରିବାରର ସଦସ୍ୟ ତଥା ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂଙ୍କ ଠାରୁ ପ୍ରକାଶ ।

## ମହାପ୍ରଭୂଙ୍କ ନେତ୍ରୋତ୍ସବ ଓ ନବ ଯୌବନ ବେଶ ଦର୍ଶନରୁ ବଂଚିତ ହେଲେ ଭକ୍ତ

ବାରିପଦା:ସମଗ୍ର ସୃଷ୍ଟିର ଆଧାର ଜଗତକର୍ତା ପରଂବ୍ରହ୍ମ ପରମାତ୍ମା ମହାପ୍ରଭୂ ଶ୍ରୀଜଗନ୍ନାଥ ଦାରୁବ୍ରହ୍ମ ରୂପରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ପ୍ରତ୍ୟେକ ଦିନ କିଛି ସମୟ ନିମନ୍ତେ ବିରାଜମାନ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି । ମାନବ ଗହଣରେ ବିଜେ ହୋଇଥିବାରୁ ମାନବୀୟ ଲୀଳାରେ ତାଙ୍କର ଦୈନନ୍ଦିନ ନୀତି ଓ ପୂଜାର୍ଚ୍ଚନା ପରିଚାଳିତ ହୋଇଆସୁଛି । ପ୍ରାତଃ ସମୟର ନିଦ୍ରାଭଙ୍ଗଠାରୁ ଆରମ୍ଭ ହୋଇ ଦନ୍ତ ଶୋଧନ, ସ୍ନାନ, ଭୋଜନ ଆଦି ସମସ୍ତ ଆଙ୍ଗିକ କର୍ମଗୁଡ଼ିକ ସମ୍ପାଦିତ ହୋଇଥାଏ ରାତ୍ରି ବିଶ୍ରାମ ପର୍ଯ୍ୟନ୍ତ । ମହାପ୍ରଭୂଙ୍କ ଯାତ୍ରାମାନଙ୍କ ମଧ୍ୟରେ ସ୍ନାନଯାତ୍ରା ଆଦ୍ୟଯାତ୍ରା ଭାବେ ପାଳିତ ହୋଇଥାଏ। ସ୍ନାନଯାତ୍ରା ପରେ ମହାପ୍ରଭୂ ଅଣସର ଗୃହରେ ପ୍ରବେଶ କରି ବାଉଁଶ ତାଟିର ଆବରଣ ମଧ୍ୟରେ ରହିଥିବା ବେଳେ ଗୋପନରେ ସମସ୍ତ ସେବାକର୍ମ ସମ୍ପନ୍ନ କରାଯାଇଥାଏ । ଷୋଡ଼ଶ ଦିବସରେ ମହାପ୍ରଭୂଙ୍କ ନେତ୍ରୋତ୍ସବ ପାଳିତ ହୋଇଥାଏ ଓ ଏହାକୁ ଦର୍ଶନଲାଭ କରୁଥିବା ଭକ୍ତମାନେ ଭବସାଗରରୁ ପାର ହୋଇ ଶ୍ରୀହରିଙ୍କର ଦେବଦୁର୍ଲଭ ସ୍ଥାନକୁ ଅର୍ଥାତ୍ ବୈକୁଣ୍ଠ ପ୍ରାପ୍ତି ହେଉଥିବାର ବିଶ୍ୱାସ କରାଯାଏ । କିନ୍ତୁ କରୋନାକୁ ନେଇ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେ ମହାପ୍ରଭୂଙ୍କ ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ଦେବୋତର ନିର୍ବାହୀ ଅଧିକାରୀ ଏବଂ ପ୍ରଶାସନିକ କଟକଣା କୋଟି କୋଟି ଶ୍ରଦ୍ଧାଳୁମାନଙ୍କୁ ଏଥିରୁ ବଂଚିତ କରାଇଦେଇଛି । ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ମହାପ୍ରଭୂ ଶ୍ରୀଜଗନ୍ନାଥ ଭ୍ରାତା ବଳଭଦ୍ରା ଓ ଭଉଣୀ ସୁଭଦ୍ରାଙ୍କ ସହିତ ଅଣସର ନୀତି ଜୁଲାଇ ୮ ସମାପନ ହୋଇଥିଲା । ଏଥି ସହିତ ମହାପ୍ରଭୂ ଚତୁର୍ଦ୍ଧା ମୂର୍ତି ରତ୍ନସିଂହାସନରୁ ନାଟ ମନ୍ଦିର ବିଜେ ହୋଇଥିଲେ । ଉକ୍ତ ଦିବସରେ ମହାପ୍ରଭୂଙ୍କ ପବିତ୍ର ରଥଯାତ୍ରା କାର୍ଯ୍ୟ ନିର୍ଘଂଟ ଅନୁଯାୟୀ ରାତି ୭.୧୪ରୁ ୯.୩୮ ମଧ୍ୟରେ ଅଧିବାସ ନୀତି ସମ୍ପନ୍ନ ହୋଇଥିଲା । ଏହାର ପରବର୍ତି ଦିନ ଅର୍ଥାତ୍ ଜୁଲାଇ ୯ ସକାଳ ୬.୬ରୁ ୬.୫୪ ମିନିଟ୍ ମଧ୍ୟରେ ନେତ୍ରଲାଗି, ୭.୨ ମିନିଟରୁ ୮.୨୫ ମିନିଟ ମଧ୍ୟରେ ପ୍ରତିଷ୍ଠା ଓ ନେତ୍ର ଉତ୍ସବ ପୂଜା ସମାପନ ହୋଇଥିଲା । ସେହିପରି ମଧ୍ୟାହ୍ନ ଗୋଟାଏରୁ ଅପରାହ୍ନ ୨.୬ ମିନିଟ ମଧ୍ୟରେ ଅବକାଶ ନୀତି ସହିତ ନେତ ବନ୍ଧନ ଆଦି ପୂଜାର୍ଚ୍ଚନା ସମ୍ପନ୍ନ ହେବା ପରେ ରାତ୍ରି ସାଢ଼େ ୭ରୁ ୯ଟା ମଧ୍ୟରେ ମହାପ୍ରଭୂ ନବଯୌବନ ବେଶ(ସୁନାବେଶ)ରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତେ । ପ୍ରତ୍ୟେକ ବର୍ଷ ମହାପ୍ରଭୂଙ୍କ ଏହି ବେଶକୁ ଦର୍ଶନ କରିବା ନିମନ୍ତେ ଭକ୍ତମାନେ ମଧ୍ୟ ଚାତକପରି ଅନାଇ ବସିଥାନ୍ତି । ସେହିପରି ଜୁଲାଇ ୧୦ ଶନିବାର ମହାପ୍ରଭୂଙ୍କ ଉଭା ଅମାବସ୍ୟା ବେଶ ଦର୍ଶନ ରାତି ୭ରୁ ୯ ମଧ୍ୟେ ଏବଂ ଜୁଲାଇ ୧୧ ରବିବାର ଶ୍ରୀଜୀଉମାନଙ୍କର ଉଭାଯାତ୍ରା ବେଶ ଦର୍ଶନ ରାତି ୭ରୁ ୯ ମଧ୍ୟେ ଅନୁଷ୍ଠିତ ହେବ । ସେହି ପରି ସମାନ ରୀତିକାନ୍ତି ଅନୁଯାୟୀ ସାନ ଜଗନ୍ନାଥଙ୍କ ମନ୍ଦିରରେ ମଧ ଠାକୁରମାନଙ୍କର ରୀତୀକାନ୍ତି ଓ ପୂଜାର୍ଚ୍ଚନା ଅନୁଷ୍ଠିତ ହେଉଛି । ସୂଚନା ଯୋଗ୍ୟ ଯେ, ଚଳିତ ବର୍ଷ ମଧ କରୋନା କଟକଣା କାରଣରୁ ମହାପ୍ରଭୂଙ୍କ ଶ୍ରୀଗୁଣ୍ଡିଚାଯାତ୍ରାକୁ ବନ୍ଦ ରହିଥିବା କାରଣରୁ ଜୁଲାଇ ୧୦ରେ କଳସ ସହିତ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥ ପ୍ରତିଷ୍ଠା , ଶ୍ରୀଶ୍ରୀ ମା' ଅମ୍ବିକା ଠାକୁରାଣୀଙ୍କ ଦାସୀଙ୍କ ଦ୍ୱାରା ରଥ ପ୍ରଦକ୍ଷଣ ସମ୍ପନ୍ନ , ଚକାଛଡ଼ା, ପରିଛାଙ୍କ ଦ୍ୱାରା ଛେରା ପହଁରା କାର୍ଯ୍ୟ ସମାପନ , ମହାପ୍ରଭୂମାନଙ୍କୁ ଗୋଟି ପହଣ୍ଡି ବିଜେରେ ବାହାରି ରଥାରୂଢ଼ , ମାଉସୀ ମା ମନ୍ଦିର ଯାତ୍ରା, ମାଉସୀ ମନ୍ଦିରରେ ବିଭିନ୍ନ ବେଶ ସହ ରୀତିକାନ୍ତି ଆଦି କାର୍ଯ୍ୟକ୍ରମ ବନ୍ଦ ରହିଛି । ଆଜି ସନ୍ଧ୍ୟାରେ ଦେବୋତର ବିଭାଗ ନିର୍ବାହୀ ଅଧିକାରୀ ତଥା ବାରିପଦା ଉପଜିଲ୍ଲାପାଳ ଅନ୍ୟା ଦାସ ଶ୍ରୀ ଶ୍ରୀ ହରିବଳଦେବ ମହାପ୍ରଭୂ ମନ୍ଦିରର ସେବାୟତମାନଙ୍କ ମଧ୍ୟରେ ମହାପ୍ରଭୂଙ୍କ ରଥା ଯାତ୍ରା, ବାହୁଡ଼ାଯାତ୍ରା ଏବଂ ତତ୍ ସଂଲଗ୍ନ ଅନ୍ୟାନ୍ୟ ଉତ୍ସବ ଆଦି କାର୍ଯ୍ୟକ୍ରମକୁ ନେଇ ଆଲୋଚନା ହେବା ପରେ ପରବର୍ତ୍ତି ନିଷ୍ପତି ନିଆଯିବାର ମନ୍ଦିର ସବୋୟତ ପ୍ରଦୀପ କୁମାର ପଣ୍ଡା ସୂଚନା ଦେଇଛନ୍ତି । ସେହିପରି ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀ ଶ୍ରୀ ହରିବଳଦେବ ମହାପ୍ରଭୂ ବିଜେଙ୍କ ମନ୍ଦିରରେ ସମସ୍ତ ନୀତିକାନ୍ତି, ବିଧି ବ୍ୟବସ୍ଥା, ପାର୍ବଣୀ ଆଦି ପୁରୀ ଶ୍ରୀମନ୍ଦିର ସହିତ ନିବିଡ଼ ସମ୍ପର୍କ ରହିଆସିଛି । ଏହି ସମ୍ପର୍କ ଆଜିର ନୁହେଁ । ମହାପ୍ରଭୂ ଶ୍ରୀଜଗନ୍ନାଥ ମୟୂରଭଞ୍ଜ ମହାରାଜାଙ୍କୁ ସ୍ୱପ୍ନାଦେଶ ହେବାର ପରିବର୍ତୀ ସମୟରୁ ଯୋଡ଼ି ହୋଇଯାଇଛି । ଶ୍ରୀଜଗନ୍ନାଥ ମହାପ୍ରଭୂଙ୍କ ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା ମହାକାଳର ପ୍ରବାହରେ ଅନେକ ଘାତ ପ୍ରତିଘାତ ଓ ପରିବର୍ତନ ଅତିକ୍ରମ କରି ବର୍ତମାନ ମହାଜାତିର ମହୋତ୍ସବରେ ପରିଣତ ହୋଇଛି । ମନୁଷ୍ୟ ରଥାରୂଢ଼ ବାମନରୂପୀ ଭଗବାନ ଶ୍ରୀଜଗନ୍ନାଥଙ୍କୁ ବଡ଼ଦାଣ୍ଡରେ ଦର୍ଶନ କଲେ ଜନ୍ମ-ମୃତ୍ୟୁ ଚକ୍ରରୁ ଚିରଦିନ ପାଇଁ ମୁକ୍ତ ହୋଇ ମୋକ୍ଷ ଲାଭ ସହ ବୈକୁଣ୍ଠ ପ୍ରାପ୍ତି ହୋଇଥାଏ । ଭଗବାନ ବଡ଼ଦାଣ୍ଡରେ ବର୍ଷରେ ଥରେ ଭକ୍ତମାନଙ୍କ ସହିତ ଲୀଳାଖେଳା ଖେଳା କରିବାକୁ ରତ୍ନ ସଂହାସନ ତ୍ୟାଗ କରି ଓହ୍ଲାଇ ଆସିଥାନ୍ତି ବଡ଼ଦାଣ୍ଡକୁ । କରୋନା ମୁକାବିଲାକୁ ନେଇ ଜାରି ହୋଇଥିବା କଟକଣା ଏଥିରେ ବାଧକ ସାଜିଛି । ଗତ ୨୦୨୦ରେ ପ୍ରଶାସନର ନିଷ୍ପତିକ୍ରମେ ମନ୍ଦିର ବେଢ଼ା ଭିତରେ ମହାପ୍ରଭୂଙ୍କ ଶ୍ରୀଗୁଣ୍ଡିଚାଯାତ୍ରାର ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା । ମାତ୍ର ଏହା ଜଗନ୍ନାଥ ସଂସ୍କୃତିର ବିରୋଧାଚରଣ କରୁଥିବାରୁ ପୁରୀ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ କ୍ରମେ ସେବାୟତମାନେ ପ୍ରାୟଶ୍ଚିତ କରିଥିଲେ । ଚଳିତ ବର୍ଷ ମହାପ୍ରଭୂ ଶ୍ରୀଗୁଣ୍ଡିଚା ବିଜେ ନିମନ୍ତେ ରତ୍ନ ସିଂହାସନରୁ ନାଟ ମଣ୍ଡପକୁ ବିଜେ ହୋଇଛନ୍ତି । ଏହି ସମୟରେ ମହାପ୍ରଭୂଙ୍କ ଘୋଷଯାତ୍ରାକୁ ନେଇ ଦେବୋତର ବିଭାଗ ଓ ପ୍ରଶାସନର ପରବର୍ତି ନିଷ୍ପତିକୁ ଅପେକ୍ଷା କରାଯାଇଛି ବୋଲି ମହାପ୍ରଭୂଙ୍କ ସେବାୟତ ପ୍ରଦୀପ କୁମାର ପଣ୍ଡା ପ୍ରକାଶ କରିଥିବା ବେଳେ ଦେବୋତର ନିର୍ବାହୀ ଅଧିକାରୀ ତଥା ବାରିପଦା ଉପଜିଲ୍ଲାପାଳଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।

## ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ। ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉତ୍ତମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୯ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

-ପ୍ରକାଶକ

## ନିର୍ମାଣ ଶ୍ରମିକ ସଙ୍ଘର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀଧର ଓଝାଙ୍କ ବିୟୋଗରେ ଶୋକ

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଙ୍ଘର କାର୍ଯ୍ୟକାରୀ ସଭ୍ୟ ତଥା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ତାଳସଙ୍ଗା ପଂଚାୟତର ବରିଷ୍ଠ ନିର୍ମାଣ ଶ୍ରମିକ ଲକ୍ଷ୍ମୀଧର ଓଝାଙ୍କ କଟକ ବଡ ଡାକ୍ତରଖାନାରେ ବିୟୋଗ ହୋଇଯାଇଛି । ତାଙ୍କ ଅକାଳ ବିୟୋଗରେ ସଙ୍ଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ, ନାରାୟଣ ସେଠୀ, ସେକ ରିଆଜୁଦ୍ଦିନ, ଗୋପାଳ ଲେଙ୍କା, ନିତ୍ୟାନନ୍ଦ ସାମଲ, ମହେଶ୍ୱର ନାୟକ, ପ୍ରଦିପ୍ତ ସାମଲ, ମନୋଜ ପରିଡା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହିତ ତାଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଛନ୍ତି ।

## ମିଡିଆ ଫୋରମ କନ୍ଧମାଳର ନୂତନ କର୍ମକର୍ତା ଚୟନ : ସଭାପତି ସୁନୀଲ, ସମ୍ପାଦକ ସୂର୍ଯ୍ୟ



ଫୁଲବାଣୀ: କନ୍ଧମାଳ ଜିଲ୍ଲା ମିଡିଆ ଫୋରମର ଏକ ସାଧାରଣ ପରିଷଦ ବୈଠକ ସଭାପତି ଶିବାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଜିଲ୍ଲାର ଫୁଲବାଣୀ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଗତ ଦୁଇବର୍ଷର ଆୟବ୍ୟୟ ବିବରଣୀ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ପାଦକ ପ୍ରଶା' ପଣ୍ଡା ସୁଚନା ଦେଇଥିଲେ । ଏଥିରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ତଥା ସାମ୍ବାଦିକମାନେ ଯୋଗ ଦେଇଥିଲେ । ମିଡିଆ ଫୋରମର ନିୟମ ଅନୁସାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସର୍ବସମ୍ମତି କ୍ରମେ ବରିଷ୍ଠ ସାମ୍ବାଦିକ ସୁନିଲ ପଟ୍ଟନାୟକଙ୍କୁ ନିର୍ବାଚନ ଅଧିକାରୀ ନିମନ୍ତ୍ରୀତ କରାଯାଇଥିଲା । ସଂଘର କାର୍ଯ୍ୟକାଳ ପୁରି ଯାଇଥିବାରୁ ଆଗାମୀ ୨ବର୍ଷ ପାଇଁ ନୂତନ କର୍ମକତା ନିର୍ବଚାନ ହୋଇଥିଲା । କର୍ମକର୍ତା ମାନଙ୍କ ମଧ୍ୟରେ ନୂତନ ସଭାପତି ଭାବରେ ସୁନୀଲ ବିଶ୍ୱାଳଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିବାବେଳେ ଉପସଭାପତି ଭାବେ ଆଦିତ୍ୟ ପ୍ରସାଦ ତ୍ରିପାଠୀଙ୍କୁ ଚୟନ କରାଯାଇଛି । ସେହିପରି ସାଧାରଣ ସମ୍ପାଦକ ଭାବରେ ସୂର୍ଯ୍ୟ ନାରାୟଣ ବେହେରା ,ସହ ସମ୍ପାଦକ ରମେଶ ପ୍ରଧାନ, କୋଷାଧକ୍ଷ ଭାବରେ ଶିବ ବିଶ୍ୱାଳଙ୍କୁ ଚୟନ କରାଯାଇଛି । ସମସ୍ତ ନବ ନିର୍ବାଚିତ ସଭାପତି, ଉପସଭାପତି, ସମ୍ପାଦକ ଓ କର୍ମଚର୍ତାମାନେ ନିଷ୍ଠା ଓ ଆ'ରିକତାର ସହ ସମସ୍ତ ସଦସ୍ୟଙ୍କୁ ସାଥିରେ ନେଇ ସଂଘୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ପାଇଁ ନିର୍ବାଚନ ଅଧିକାରୀ ସୁନୀଲ ପଟ୍ଟନାୟକ ପରାମର୍ଶ ଦେଇଥିଲେ । ଏହି ବୈଠକରେ ବରିଷ୍ଠ ସମ୍ବାଦିକ ତଥା ଉପଦେଷ୍ଟା ସୁନୀଲ ପଟ୍ଟନାୟକ,ଅଜିତ ମହାରଣା, ତ୍ରିନାଥ ସାହୁ,ବରିଷ୍ଠ ସମ୍ବାଦିକ ସ'ୋଷ ଦିଗାଲ,ଆଇନଜୀବୀ ସତ୍ୟନାରାୟଣ ବେହେରା,ପ୍ରଶା' ପଣ୍ଡା,ବୈଦ୍ୟ ନାୟକ,ଶିବ ନାୟକ, ବାଳକୃଷ୍ଣ ଚର୍ଚ୍ଚି ଏବଂ ରାଧାମୋହନ ମହାପାତ୍ର ପ୍ରମୁଖଙ୍କ ସମେତ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ । ଏଥି ସହିତ ସାମ୍ବାଦିକ କ୍ଷୀରୋଦ ସାହାଣୀ ନବନିର୍ବାଚିତ କର୍ମକର୍ତାଙ୍କୁ ପୁଷ୍ପହାର ଦେଇ ସ୍ୱାଗତ ଜଣାଇଥିଲେ ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK
पर्यवेक्षक



Bhubaneswar Tuesday July 20, 2021 | ଭୁବନେଶ୍ୱର ମଙ୍ଗଳବାର, ଜୁଲାଇ ୨୦,୨୦୨୧ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | ୮


## ରିଲାଏନସ ନିପନ ଲାଇଫ ଇନସ୍ୟୁରାନସ ପକ୍ଷରୁ ଆର୍ଥିକ ବର୍ଷ ୨୧ ପାଇଁ ୩୦୬.୮୮ କୋଟି ଟଙ୍କାର ବୋନସ ଘୋଷଣା

ଭୁବନେଶ୍ୱର : ରିଲାଏନସ ନିପନ ଲାଇଫ ଇନସ୍ୟୁରାନ କଂପାନି ଲିମିଟେଡ, ଜାପାନର ରିଲାଏନସ କ୍ୟାପିଟାଲ ଓ ନିପନ ଲାଇଫ ଇନସ୍ୟୁରାନସ ମଧ୍ୟରେ ଏକ ଯୁଗ୍ମ ଉଦ୍ୟୋଗ। ଆଥିକ ବର୍ଷ ୨୧ ପାଇଁ ଏହାର ଅଂଶଗ୍ରହଣକାରୀ ପଲିସିଧାରୀଙ୍କ ନିମନ୍ତେ ୩୦୬.୮୮ କୋଟି ଟଙ୍କାର ବୋନସ ଘୋଷଣା କରିଛି। ଏହି ବୋନସ ହେଉଛି ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇଥିବା ବର୍ଷ ଲାଗି କଂପାନିର ଦୃଢ ଆର୍ଥିକ ସ୍ଥିତିର ଏକ ନମୁନା ଯେଉଁଥିରେ କଂପାନି ଟିକସ ପରେ ଟ. ୫୦ କୋଟି ଲାଭ ହାସଲ କରିଛି। ଏହି ଘୋଷଣା ଅନୁସାରେ ୩୧ ମାର୍ଚ୍ଚ ୨୦୨୧ ପର୍ଯ୍ୟନ୍ତ ଚାଲୁରହିଥିବା ସମସ୍ତ ଅଂଶଗ୍ରହଣକାରୀ ପଲିସି ଉପରେ ଘୋଷିତ ବୋନସ ରୂପେ ମାନ୍ୟତା ମିଳିଛି। ରିଭର୍ସନାରୀ ବୋନସ ସହିତ ପଲିସି ପାଇଁ ଏହା ମୃତ୍ୟୁ ଓ ପରିପକ୍ୱତା ଉପରେ ଗ୍ୟାରେଂଟେଡ ଲାଭ ପ୍ରଦାନ କରିବ। ଏହି ବୋନସ କଂପାନିର ଆର୍ଥିକ ବର୍ଷ ୨୦୨୦-୨୧ ବର୍ଷ ପାଇଁ ଅଂଶଗ୍ରହଣକାରୀ ପଲିସିଧାରୀଙ୍କ ପାଣ୍ଠିରୁ ସୃଷ୍ଟି ହୋଇଥିବା ଲାଭରୁ ପ୍ରଦାନ କରାଯିବ। ଏହି ବୋନସ ପ୍ରଦାନ ରିଲାଏନସ ନିପନ ଲାଇଫର ୬୮୫,୦୦୦ ଅଂଶଗ୍ରହଣକାରୀ ପଲିସିଧାରୀଙ୍କ ପାଇଁ ଲାଭଦାୟକ ହେବ। ଗତ ୧୭ ବର୍ଷ ମଧ୍ୟରେ ଏହି ବୋନସ ଗ୍ରାହକମାନଙ୍କ ଲାଗି ପ୍ରୋତ୍ସାହନ ସ୍ୱରୂପ ଘୋଷଣା କରାଯାଇ ଆସୁଛି। ଏହା ସେମାନଙ୍କୁ ନିୟମିତ ପ୍ରିମିୟମ ଦେବା ଓ ସମଗ୍ର ପଲିସି ପାଇଁ ନିବେଶ ଉପରେ ଦିଆଯାଇଥାଏ।ଏହି ଅବସରରେ ଶ୍ରୀ ଆଶିଷ ଭୋରା, ସିଇଓ, ରିଲାଏନଓ ନିପନ ଲାଇଫ କହିଥିଲେ ଯେ ନ୍ତ କ୍ରମାଗତ ଭାବରେ ଆମର ବିକାଶ ଜାରୀ ରହିଥିବା ହେତୁ ଆମେ ଗର୍ବିତ। ଯାହାକି ଆମେ ଓ ଆମର ମୂଲ୍ୟବାନ ଗ୍ରାହକଙ୍କ ମଧ୍ୟରେ ବିଶ୍ୱାସର ପରିଚୟ। ମହାମାରୀ ପରିସ୍ଥିତି ଜନିତ ଅସୁବିଧା ସତ୍ତ୍ୱେ ଆମେ ଜୀବନ ବୀମା କଂପାନି ଭାବରେ ସାମାଜିକ ଲକ୍ଷ୍ୟ ପୂରଣ ପାଇଁ ଯତ୍ନବାନ ଅଛୁ। ଗ୍ରାହକମାନଙ୍କୁ ଭବିଷ୍ୟତରେ ଆର୍ଥିକ ସହାୟତା ଲାଗି ଆମେ ଚେଷ୍ଟା କରିବୁ। ବିଭିନ୍ନ ଅଂଶଗ୍ରହଣକାରୀ ନୀତି ପାଇଁ ଘୋଷିତ ବୋନସ ହାର ହେଉଛି ଗ୍ରାହକଙ୍କୁ ଉନ୍ନତ ମୂଲ୍ୟ ପ୍ରଦାନ କରିବାକୁ ଆମର କ୍ରମାଗତ ପ୍ରୟାସର ପ୍ରମାଣ।ଅଂଶଗ୍ରହଣକାରୀ ପଲିସି ଅଧିନରେ ଘୋଷିତ ବୋନସ ଗ୍ରାହକମାନଙ୍କୁ ଦୀର୍ଘ ସ୍ଥାୟୀ ଲକ୍ଷ୍ୟ ପୂରଣ ସହ ସଂପଦ ସୃଷ୍ଟି କରିବାରେ ସହାୟକ ହେବ, ଯେତେବେଳକି ପରିପକ୍ୱତା ଉପରେ ବୀମା ଅର୍ଥ କିମ୍ବା ପଲିସିଧାରୀଙ୍କ ମୃତ୍ୟୁ ଉପରେ ଗ୍ୟାରେଂଟେଡ ଅର୍ଥ ପ୍ରଦାନ ବ୍ୟବସ୍ଥା, ପ୍ରିୟଜନଙ୍କ ଭବିଷ୍ୟତ ପାଇଁ ଆର୍ଥିକ ସୁରକ୍ଷା ପ୍ରଦାନ କରିଥାଏ। ରିଲାଏନସ ନିପନ ଲାଇଫ ଇନସ୍ୟୁରାନସ ହେଉଛି ଭାରତର ଅଗ୍ରଣୀ ଓ ବିଶ୍ୱସନୀୟ ପ୍ରାଇଭେଟ ଲିମିଟେଡ କଂପାନି, ଯାହାର ମୋଟ ସଂପତି ୩୧ ମାର୍ଚ୍ଚ ୨୧ ସୁଦ୍ଧା ମ୍ୟାନେଜମେଂଟ ଅଧିନରେ ଟ.୨୪୩୮୩ କୋଟି ଓ ମୋଟ ବୀମା ଅର୍ଥ ଟ.୭୮୮୪୭ କୋଟି ତଥା ଅଭିଯୋଗ ସମାଧାନ ହାର ୯୮.୪୮ ପ୍ରତିଶତ ଅଟେ।

## ଡେଙ୍ଗୁ ସଚେତନତା ଶୋଭାଯାତ୍ରା

ବଡଚଣା : ଯାଜପୁର ଜିଲ୍ଲା ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୁଙ୍ଗୁଡା ପଂଚାୟତର କେତେକ ସାହିରେ ଡେଙ୍ଗୁ ରୋଗ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶୋଭାଯାତ୍ରାକୁ ସରପଂଚ ଚାଚାଲିନ ସ୍ୱାଇଁ ଉଦ୍‌ଘାଟନ କରିଥିଲେ । ଘର ପାଖରେ ଅଳିଆ ଆବର୍ଜନା ନ ପକାଇ ପରିବେଶକୁ ପରିଷ୍କାର ରଖିବାକୁ ସେ ପରାମର୍ଶ ଦେଇଥିଲେ । ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ମନୋରମା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା ସ୍ୱାସ୍ଥ୍ୟକର୍ମୀ ଅନିମା ବିଶ୍ୱାଳ,ଆଶାକର୍ମୀ ଗୋଲାପ ଧଳ,ବନ୍ଦିତା ବାରିକ,ସେରୁନ ବିବି,ଅଙ୍ଗନୱାଡୀ କର୍ମୀ ଭାରତୀ ତ୍ରିପାଠୀ ଓ ପଦ୍ମାଳୟା ନାୟକ ପ୍ରମୁଖ ପଂଚାୟତର ବିଭିନ୍ନ ସାହିରେ ବୁଲି ବୁଲି ଲୋକଙ୍କୁ ଡେଙ୍ଗୁ ରୋଗ ନିରାକରଣ ସଂକ୍ରାନ୍ତରେ ସଚେତନ କରାଇଥିଲେ । ନାଏବ ସରପଂଚ ସେକ ମସିର ଆଲାମ ଧନ୍ୟବାଦ ଦେଇଥିଲେ ।

## ସାରସ୍ୱତ ସମାଜର ବୃକ୍ଷ ରୋପଣ କାର୍ଯ୍ୟକ୍ରମ




ଭୁବନେଶ୍ୱର : ଭୁବନେଶ୍ୱର ଅଗ୍ରଣୀ ସାମାଜି ଅନୁଷ୍ଠାନ ତରଫରୁ ଡଃ ପ୍ରତିମା ରାଣୀ ଷଡ଼ଙ୍ଗ (ସମାଜସେବୀ)ଙ୍କ ନେତୃତ୍ୱରେ ଭୁବନେଶ୍ୱର ବହୁ ସ୍ଥାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଅନୁଷ୍ଠାନର ସମ୍ପାଦକ ସରୋଜ ରଞ୍ଜ ପଟ୍ଟନାୟକ ସହଯୋଗ କରିଥିଲେ। ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ କବି ତଥା ସମାଜସେବୀ ଜୟଶ୍ରୀ ପଟ୍ଟନାୟକ ରାଜ କିଶୋର ପତି ଓ ସୁଷମା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଉଇସ୍ ଅନୁଷ୍ଠାନର ଅଧକ୍ଷା ଅନୁସୃତା ସିଂହଦେଓ ଯୋଗଦେଇ ଶୁଭାରମ୍ଭ କରିଥିଲେ।

## ପୁଅ, ବୋହୁ ନିର୍ଯ୍ୟାତନା ଦେଇ ଘରୁ ତଡିଦେଲେ

ଖଣ୍ଡପଡା:ଖଣ୍ଡପଡା ବ୍ଲକର ବନମାଳୀପୁର ପଂଚାୟତ ଅଧିନ ବସଂପୁର ଗ୍ରାମର ସ୍ୱର୍ଗତ ସଂସାରି ସାହୁଙ୍କ ପତ୍ନୀ ରୁପେଇ ସାହୁ(୭୫)ଙ୍କୁ ତାଙ୍କର ୨ ପୁଅ ଓ ବୋହୁ ବିଭିନ୍ନ କାରଣକୁ ନେଇ ତାଙ୍କୁ ଶାରୀରିକ ଓ ମାନସିକସ୍ତରରେ ନିର୍ଯ୍ୟାତନା ଦେଇ ଘରୁ ତଡି ଦେବାପରେ ଏବେ ସେ ବଡଝିଅ ଇନ୍ଦୁମତୀ ସାହୁଙ୍କ ଘରେ ଗତ ୨ବର୍ଷ ଧରି କର୍ମକୁ ଆଦରି ପଡି ରହିଛନ୍ତି। ବଡଝିଅ, ସାନଝିଅ ଓ ଜ୍ୱାଇଁ ସଂପୃକ୍ତା ବୃଦ୍ଧାଙ୍କର ଦେଖାଶୁଣା କରୁଥିବା ଜଣାପଡିଛି । ୨ ପୁଅ ଓ ବୋହୁ ସଂପୃକ୍ତ ବୃଦ୍ଧାଙ୍କୁ ଘରୁ ତଡିଦେଇ ପୈତୃକ ଘରକୁ ଭଡା ସୁତ୍ରରେ ଲଗାଇଥିବା ଅଭିଯୋଗ ହେଉଛି। ପୁଅ ଓ ବୋହୁଙ୍କ କାର୍ଯ୍ୟକଳାପକୁ ନେଇ ଅତିଷ୍ଠ ହୋଇପଡିଥିବା ବୃଦ୍ଧା ଜଣଙ୍କ ଶେଷରେ ନ୍ୟାୟ ପାଇବା ନିମନ୍ତେ୍ ନୟାଗଡ ଜିଲ୍ଲାପାଳ ଓ ଏସପିଙ୍କ ନିକଟରେ ସୋମବାର ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି । ଘଟଣାକ୍ରମେ ରୁପେଇଙ୍କ ବଡପୁଅ ବଂଶୀଧର ସାହୁ ଓ ତାର ସ୍ତ୍ରୀ ଡଲି ସାହୁ, ସାନପୁଅ ବୈକୁଣ୍ଠ ସାହୁ ଓ ତାର ସ୍ତ୍ରୀ ବିମଳା ସାହୁ ଚକ୍ରାନ୍ତ କରି ତାଙ୍କୁ ସଦାସର୍ବଦା ହଇରାଣ କରୁଥିବା ନେଇ ରୁପେଇ ଫତେଗଡ ଥାନାରେ ଗତ ୩ ମାସ ତଳେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ୨ ପୁଅ ଓ ବୋହୁଙ୍କୁ ଥାନାକୁ ଡାକି ଗ୍ରାମର ଭଦ୍ରଲୋକଙ୍କ ଉପସ୍ଥିତରେ ସମସ୍ୟାର ସମାଧାନ କରିଥିଲା । ମାତ୍ର ପରବର୍ତୀ ସମୟରେ ପୁଅ ଓ ବୋହୁଙ୍କ ଦ୍ୱାରା ପୁନର୍ବାର ନିର୍ଯ୍ୟାତନାର ଶିକାର ହୋଇଥିବା ରୁପେଇ ଫତେଗଡ ପୋଲିସ ନିକଟରେ ଅଭିଯୋଗ କରିଥିଲେ ହେଁ ପୋଲିସ ଅଭିଯୋଗ ପ୍ରତି ଗୁରୁତ୍ୱ ନଦେବାରୁ ସେ ନିରାଶ ହୋଇ ଦୁଃଖରେ ଦିନ କାଟୁଥିବା ଅଭିଯୋଗ ହେଉଛି । ପରିଣତ ବୟସରେ ଝିଅ ଓ ଜ୍ୱାଇଁଙ୍କ ଉପରେ ବୋଝ ପାଲଟିଥିବା ଉକ୍ତ ବୃଦ୍ଧା ଜଣଙ୍କ ଶେଷରେ ନ୍ୟାୟ ପାଇବା ଆଶାରେ ଜିଲ୍ଲାପାଳ ଓ ଏସପିଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି । ନୟାଗଡ ଜିଲ୍ଲାପାଳ ଉକ୍ତ ଅସହାୟା ବୃଦ୍ଧାଙ୍କ ପ୍ରତି ସଦୟ ହେବାକୁ ବସନ୍ତପୁର ଗ୍ରାମବାସୀ ଦାବି କରିଛନ୍ତି ।

## ରେଡିଓ ନମସ୍କାର ଦ୍ୱାରା ଯୋଗ କରନ୍ତୁ ସୁସ୍ଥ ରୁହନ୍ତୁ କାର୍ଯ୍ୟକ୍ରମ

କୋଣାର୍କ : କରୋନା ମହାମାରୀ ସମୟରେ କରୋନା ନିୟମାବଳୀ ପାଳନ କରି ଯୋଗର ପ୍ରଚାର ପ୍ରସାର ନିମନ୍ତେ ଓଡିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ନମସ୍କାର ପକ୍ଷରୁ "ଯୋଗ କରନ୍ତୁ ସୁସ୍ଥ ରୁହନ୍ତୁ"ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗତ ତିନିମାସଧରି ଜାରି ରହିଛି। ଆୟୁଷ ମନ୍ତ୍ରଣାଳୟ ଓ ସେମ୍‌କା ଦ୍ୱାରା ଆରମ୍ଭ ହୋଇଥିବା ଏହି ଜାତୀୟ ଅଭିଯାନରେ ଲୋକମାନେ ବାହାରକୁ ନଯାଇ ଘରେ ରହିବା ସହିତ କିଭଳି ଭାବରେ କରୋନା ଗାଇଡଲାଇନ୍ ପାଳନ କରି ଅନ୍‌ଲାଇନ୍ ମାଧ୍ୟମରେ ଯୋଗଶିକ୍ଷା ନେଇପାରିବେ ଏ ସଂପର୍କରେ ଲୋକମାନଙ୍କୁ ସଚେତନ କରାଯାଉଛି। ଯୋଗ ସଂପର୍କରେ ଅନେକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ରେଡିଓ ମାଧ୍ୟମରେ ଲୋକମାନଙ୍କ ପାଖରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି 'ରେଡଓ ନମସ୍କାର'। ଯୋଗ ଶିକ୍ଷାକୁ ଅଧିକ ଲୋକାଭିମୁଖୀ କରିବା ଲକ୍ଷରେ ଦେଶର ୧୩୦ଟି ଗୋଷ୍ଠୀବେତାର କେନ୍ଦ୍ର ଏହି ଅଭିଯାନରେ ସାମିଲ ହୋଇଛନ୍ତି। 'ରେଡିଓ ନମସ୍କାର' ପକ୍ଷରୁ କରୋନା ମହାମାରୀ ସମୟରେ ଜନସାଧାରଣ ଏବଂ ବିଭିନ୍ନ ଗ୍ରାମରେ ଥିବା ଶ୍ରୋତାମଣ୍ଡଳୀ ର ମା' ଭଉଣୀମାନେ କିଭଳି ମାସ୍କ ବ୍ୟବହାର କରିବେ ,ସାମାଜିକ ଦୂରତା ବଜାୟ ରଖିବେ, ଗୁଜବଠାରୁ ଦୂରେଇ ରହିବେ ,ଟିକାକେନ୍ଦ୍ରକୁ ଯାଇ କିଭଳି ଟିକା ନେବେ ଏହିଭଳି ଅନେକ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଇଥିବା ରେଡିଓ ନମସ୍କାରର ଅଧକ୍ଷ ଏନ୍.ଏ.ଶାହଃ ଅନ୍‌ସାରୀ ସୂଚନା ଦେଇଛନ୍ତି। ଯୁବ ସଂଯୋଜକ ଅନ୍ଦାଜ ଆରନ୍, କାର୍ଯ୍ୟନିର୍ବାହୀ ଅଧିକାରୀ ରୋଜଲିନ୍ ପ୍ରଧାନ, ସଂଯୋଜିକା ଏସ୍ କାଜଲ, ଟିକିନା ରାଉତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇ ଆଗକୁ ନେଇଥିଲେ।

## କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସ୍ଥିତିବାନ ସମ୍ପତିକୁ ଜବରଦଖଲ : ଏସପିଙ୍କୁ ଭେଟିଲେ ପୀଡ଼ିତ ପରିବାର

କୋରେଇ: ଯାଜପୁର ଜିଲ୍ଲା ଜେନାପୁର ଥାନା ଅନ୍ତର୍ଗତ ଗଉଡପଶି ଗ୍ରାମର ବୈକୁଣ୍ଠ ବେହରାଙ୍କ ଅଭିଯୋଗ ମୁତାବକ, ଗଉଡପଶି ମୌଜାରେ ତାଙ୍କ ସ୍ଥିତିବାନ ସମ୍ପତି ଖାତା ନମ୍ବର ୪୧୯/୪୪, ପ୍ଲଟ ନମ୍ବର ୫୮୭/୧୫୫୬ ଏ.୧୬ ଡିସିମିଲ ପୁରୁଷାନୁକ୍ରମେ ତାଙ୍କ ଅଧିନରେ ଥିବା ସତ୍ତ୍ୱେ ଉକ୍ତ ଜମିର ପଡୋଶୀ ବନଲତା ସାହୁ, ତ୍ରିଲୋଚନ ସାହୁ, ଦଶରଥ ସାହୁ, ବିଶ୍ୱଜିତ ସାହୁ କିଛି ଅସାମାଜିକ ବ୍ୟକ୍ତିଙ୍କ ସହାୟତାରେ ଜୋର ଜବରଦସ୍ତ ମାଟି ପକାଇ ପାଚେରୀ ନିର୍ମାଣ କରିବାକୁ ଯିବାରୁ ବୈକୁଣ୍ଠଙ୍କ ପରିବାର ଏହାର ପ୍ରତିବାଦ କରିଥିଲେ । ମାତ୍ର ସେମାନେ ଗାଳି ଗୁଲଜ ସହ ଆକ୍ରମଣ କରିଥିଲେ । ଆହତ ହୋଇ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୨୧୯/୨୧ ରୁଜୁ କରିବା ସହ କାମ ବନ୍ଦ କରାଇଥିଲେ । ମାତ୍ର ପତିପକ୍ଷ ଏହାକୁ ନମାନି ପୁର୍ନବାର ୩ ତାରିଖ କାମ କରୁଥିବାରୁ ପୁଣି ପ୍ରତିବାଦ କରିବାରୁ ଗାଳିଗୁଲଜ ସହ ଆକ୍ରମଣ କରିଥିଲେ । ଏନେଇ ଥାନାରେ ଅଭିଯୋଗ କରିବା ସହ ସମସ୍ତ କାଗଜାଦି ୧୪୪ ଓ ଇଂଜେନକସନ ସୁଟ୍ ଦାଖଲା କଲା ପରେ ବି ପୁଲିସ ନିରବ ଦ୍ରଷ୍ଟା ସାଜିଛି। ଅଭିଯୁକ୍ତଙ୍କୁ ଘଂଟ ଘୋଡାଇ ପୁଲିସ ଗାଳିଗୁଲଜ ସହ ଧମକ ଦେଇ ମାମଲା ରଫାଦଫା କରିବାକୁ ବାଧ କରୁଛି ।

## ପଜିଟିଭ ଚିହ୍ନଟ ପରେ ୨ଦିନ ପାଇଁ ୟୁକୋ ବ୍ୟାଙ୍କ ଶାଖା ସଟଡାଉନ




ଖଣ୍ଡପଡା : ଖଣ୍ଡପଡା ସହରର ବଜାର ମଧ୍ୟରେ ଅବସ୍ଥିତ ୟୁକୋ ବ୍ୟାଙ୍କ ଶାଖାରେ କାର୍ଯ୍ୟରତ ଶାଖା ପରିଚାଳକ ଓ ଆଉ ଜଣେ କର୍ମଚାରୀ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ନେଇ ଚିହ୍ନଟ ହେବା ପରେ ବ୍ୟାଙ୍କ ଶାଖା କାର୍ଯ୍ୟାଳୟକୁ ୨ଦିନ ପାଇଁ ସଟଡାଉନ ଘୋଷଣା କରାଯାଇଛି । ମଙ୍ଗଳବାର ସକାଳ ୬ଟାରୁ ଆସନ୍ତା ୮ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ବ୍ୟାଙ୍କ ଶାଖା ବନ୍ଦ ରହିବ ବୋଲି ଜଣାପଡିଛି । ଖଣ୍ଡପଡା ତହସିଲଦାର ପାର୍ଥ ସାରଥୀ ହାଁସଦା ଏ ନେଇ ନିର୍ଦ୍ଦେଶନାମା ଜାରି କରିବା ସହ କରୋନା ସଂକ୍ରମଣକୁ ରୋକିବା ନିମନ୍ତେ ଉକ୍ତ ବ୍ୟାଙ୍କ ଶାଖା କାର୍ଯ୍ୟାଳୟକୁ ସଂପୂର୍ଣ୍ଣ ରୁପେ ବିଶୋଧନ କରିବା ନିମନ୍ତେ ଖଣ୍ଡପଡା ଅଗ୍ନିଶମ ବିଭାଗ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି ।

## ବିଦ୍ୟୁତ ସମସ୍ୟା ନେଇ ଗଣଧାରଣା ୨୮ ଦିନରେ

ଖଣ୍ଡପଡା:ଖଣ୍ଡପଡା, ଭାପୁର ଓ ଗଣିଆ ବ୍ଲକ ଅଂଚଳରେ ବିଦ୍ୟୁତ ସମସ୍ୟା ଏକ ପ୍ରମୁଖ ସମସ୍ୟା ରୁପେ ମୁଣ୍ଡ ଟେକିଥିବା ବେଳେ ସମସ୍ୟା ସମାଧାନ ଦାବିରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ବିଦ୍ୟୁତ ବିତରଣ କଂପାନୀ(ଟିପିସିଓଡିଏଲ) ଖଣ୍ଡପଡା କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିବା ଗଣଧାରଣା ୨୮ ଦିନରେ ପହଂଚିଛି । ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ଆଇନଜୀବି ବିଶ୍ୱବିଜୟ ବକ୍ସି ଆଚାର୍ଯ୍ୟ ପ୍ରମୁଖ ସୋମବାର ଗଣଧାରଣା ସ୍ଥଳରେ ପହଁଚିଥିଲେ । ୪ଦଫା ଦାବି ନେଇ ପରିଷଦ ପକ୍ଷରୁ ଚାଲିଥିବା ଗଣଧାରଣାକୁ ସେମାନେ ସ୍ୱାଗତ କରିବା ସହ ଅଂଚଳବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନକୁ ଦୃଷ୍ଟିରେ ରଖି ଖଣ୍ଡପଡା ଉପଖଣ୍ଡରେ ବିଦ୍ୟୁତ ସମସ୍ୟାର ସମାଧାନ ନିମର୍ଂ ଭାରତୀୟ ବିକାଶ ପରିଷଦ ପକ୍ଷରୁ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିବା ସଂପର୍କରେ ସେମାନେ ସୂଚନା ଦେଇଥିଲେ । ପ୍ରଶାସନିକ ସ୍ଥାଣୁତା ସାଙ୍ଗକୁ ଖଣ୍ଡପଡା ବିଧାୟକଙ୍କ କାର୍ଯ୍ୟକଳାପକୁ ନେଇ ପରିଷଦର ସଦସ୍ୟ ମାନେ ଅସେଂାଷ ପ୍ରକାଶ କରିଥିଲେ। ଖାଲିସେତିକି ନୁହେଁ ରାଜ୍ୟର ଶାସନ ଭାର ଗ୍ରହଣ କରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଖଣ୍ଡପଡା ବିଧାୟକ ସୌମ୍ୟ ରଂଜନ ପଟ୍ଟନାୟକ ଓ ୫ ଟି ସଚିବଙ୍କୁ ଆକ୍ଷେପ କରି ଶ୍ରୀ ପାଣିଗ୍ରାହୀ କଟୁ ମନ୍ତବ୍ୟ ପ୍ରଦାନ କରିବା ସହ ସମାଲୋଚନା କରିଥିଲେ । ବିଧାୟକଙ୍କ ଆନ୍ତରିକତା ଅଭାବରୁ ଖଣ୍ଡପଡାରେ ବିଦ୍ୟୁତ ଗ୍ରୀଡ ପ୍ରତିଷ୍ଠା ହୋଇ ପାରୁନଥିବା ନେଇ ଭାରତୀୟ ବିକାଶ ପରିଷଦର ନୟାଗଡ ଜିଲ୍ଲା ସଭାପତି ତ୍ରିନାଥ ନାୟକ ଓ ବ୍ଲକ ସଭାପତି ନିରଂଜନ ଦାସ ପ୍ରମୁଖ ଅଭିଯୋଗ ଉଠାଇ ତାଙ୍କ ଉପରେ ବର୍ଷିଥିଲେ । ଏ ଅବସରରେ ଗଣଧାରଣା ସ୍ଥଳରେ ଖଣ୍ଡପଡା ବିଧାୟକ ଓ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତଳିକା ଦାହ କରାଯାଇ ଗଣଧାରଣାକୁ କିଛି ଦିନ ପାଇଁ ସ୍ଥଗିତ ରଖାଯାଇଥିବା ଜଣାପଡିଛି ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



## ରିଲାଏନସ ନିପନ ଲାଇଫ ଇନସ୍ୟୁରାନସ ପକ୍ଷରୁ ଆର୍ଥିକ ବର୍ଷ ୨୧ ପାଇଁ ୩୦୬.୮୮ କୋଟି ଟଙ୍କାର ବୋନସ ଘୋଷଣା

ଭୁବନେଶ୍ୱର: ରିଲାଏନସ ନିପନ ଲାଇଫ ଇନସ୍ୟୁରାନ କଂପାନି ଲିମିଟେଡ, ଜାପାନର ରିଲାଏନସ କ୍ୟାପିଟାଲ ଓ ନିପନ ଲାଇଫ ଇନସ୍ୟୁରାନସ ମଧ୍ୟରେ ଏକ ଯୁଗ୍ମ ଉଦ୍ୟୋଗ। ଆଥିକ ବର୍ଷ ୨୧ ପାଇଁ ଏହାର ଅଂଶଗ୍ରହଣକାରୀ ପଲିସିଧାରୀଙ୍କ ନିମନ୍ତେ ୩୦୬.୮୮ କୋଟି ଟଙ୍କାର ବୋନସ ଘୋଷଣା କରିଛି। ଏହି ବୋନସ ହେଉଛି ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇଥିବା ବର୍ଷ ଲାଗି କଂପାନିର ଦୃଢ ଆର୍ଥିକ ସ୍ଥିତିର ଏକ ନମୁନା ଯେଉଁଥିରେ କଂପାନି ଟିକସ ପରେ ଟ. ୫୦ କୋଟି ଲାଭ ହାସଲ କରିଛି।ଏହି ଘୋଷଣା ଅନୁସାରେ ୩୧ ମାର୍ଚ୍ଚ ୨୦୨୧ ପର୍ଯ୍ୟନ୍ତ ଚାଲୁରହିଥିବା ସମସ୍ତ ଅଂଶଗ୍ରହଣକାରୀ ପଲିସି ଉପରେ ଘୋଷିତ ବୋନସ ରୂପେ ମାନ୍ୟତା ମିଳିଛି। ରିଭର୍ସନାରୀ ବୋନସ ସହିତ ପଲିସି ପାଇଁ ଏହା ମୃତ୍ୟୁ ଓ ପରିପକ୍ୱତା ଉପରେ ଗ୍ୟାରେଂଟେଡ ଲାଭ ପ୍ରଦାନ କରିବ। ଏହି ବୋନସ କଂପାନିର ଆର୍ଥିକ ବର୍ଷ ୨୦୨୦-୨୧ ବର୍ଷ ପାଇଁ ଅଂଶଗ୍ରହଣକାରୀ ପଲିସିଧାରୀଙ୍କ ପାଣ୍ଠିରୁ ସୃଷ୍ଟି ହୋଇଥିବା ଲାଭରୁ ପ୍ରଦାନ କରାଯିବ। ଏହି ବୋନସ ପ୍ରଦାନ ରିଲାଏନସ ନିପନ ଲାଇଫର ୬୮୫,୦୦୦ ଅଂଶଗ୍ରହଣକାରୀ ପଲିସିଧାରୀଙ୍କ ପାଇଁ ଲାଭଦାୟକ ହେବ। ଗତ ୧୭ ବର୍ଷ ମଧ୍ୟରେ ଏହି ବୋନସ ଗ୍ରାହକମାନଙ୍କ ଲାଗି ପ୍ରୋତ୍ସାହନ ସ୍ୱରୂପ ଘୋଷଣା କରାଯାଇ ଆସୁଛି। ଏହା ସେମାନଙ୍କୁ ନିୟମିତ ପ୍ରିମିୟମ ଦେବା ଓ ସମଗ୍ର ପଲିସି ପାଇଁ ନିବେଶ ଉପରେ ଦିଆଯାଇଥାଏ। ଏହି ଅବସରରେ ଶ୍ରୀ ଆଶିଷ ଭୋରା, ସିଇଓ, ରିଲାଏନଓ ନିପନ ଲାଇଫ କହିଥିଲେ ଯେ " କ୍ରମାଗତ ଭାବରେ ଆମର ବିକାଶ ଜାରୀ ରହିଥିବା ହେତୁ ଆମେ ଗର୍ବିତ। ଯାହାକି ଆମେ ଓ ଆମର ମୂଲ୍ୟବାନ ଗ୍ରାହକଙ୍କ ମଧ୍ୟରେ ବିଶ୍ୱାସର ପରିଚୟ। ମହାମାରୀ ପରିସ୍ଥିତି ଜନିତ ଅସୁବିଧା ସତ୍ତ୍ୱେ ଆମେ ଜୀବନ ବୀମା କଂପାନି ଭାବରେ ସାମାଜିକ ଲକ୍ଷ୍ୟ ପୂରଣ ପାଇଁ ଯତ୍ନବାନ ଅଛୁ। ଗ୍ରାହକମାନଙ୍କୁ ଭବିଷ୍ୟତରେ ଆର୍ଥିକ ସହାୟତା ଲାଗି ଆମେ ଚେଷ୍ଟା କରିବୁ। ବିଭିନ୍ନ ଅଂଶଗ୍ରହଣକାରୀ ନୀତି ପାଇଁ ଘୋଷିତ ବୋନସ ହାର ହେଉଛି ଗ୍ରାହକଙ୍କୁ ଉନ୍ନତ ମୂଲ୍ୟ ପ୍ରଦାନ କରିବାକୁ ଆମର କ୍ରମାଗତ ପ୍ରୟାସର ପ୍ରମାଣ। ଅଂଶଗ୍ରହଣକାରୀ ପଲିସି ଅଧିନରେ ଘୋଷିତ ବୋନସ ଗ୍ରାହକମାନଙ୍କୁ ଦୀର୍ଘ ସ୍ଥାୟୀ ଲକ୍ଷ୍ୟ ପୂରଣ ସହ ସଂପଦ ସୃଷ୍ଟି କରିବାରେ ସହାୟକ ହେବ, ଯେତେବେଳକି ପରିପକ୍ୱତା ଉପରେ ବୀମା ଅର୍ଥ କିମ୍ବା ପଲିସିଧାରୀଙ୍କ ମୃତ୍ୟୁ ଉପରେ ଗ୍ୟାରେଂଟେଡ ଅର୍ଥ ପ୍ରଦାନ ବ୍ୟବସ୍ଥା, ପ୍ରିୟଜନଙ୍କ ଭବିଷ୍ୟତ ପାଇଁ ଆର୍ଥିକ ସୁରକ୍ଷା ପ୍ରଦାନ କରିଥାଏ। ରିଲାଏନସ ନିପନ ଲାଇଫ ଇନସ୍ୟୁରାନସ ହେଉଛି ଭାରତର ଅଗ୍ରଣୀ ଓ ବିଶ୍ୱସନୀୟ ପ୍ରାଇଭେଟ ଲିମିଟେଡ କଂପାନି, ଯାହାର ମୋଟ ସଂପତି ୩୧ ମାର୍ଚ୍ଚ ୨୧ ସୁଦ୍ଧା ମ୍ୟାନେଜମେଂଟ ଅଧିନରେ ଟ.୨୪୩୮୩ କୋଟି ଓ ମୋଟ ବୀମା ଅର୍ଥ ଟ.୭୮୮୪୭ କୋଟି ତଥା ଅଭିଯୋଗ ସମାଧାନ ହାର ୯୮.୪୮ ପ୍ରତିଶତ ଅଟେ।



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray